ଧରିତ୍ରୀ
DHARITRI
March 13-19, 2022 ₹2/-

# ଛୁଟିଦିନ



୩
ପ୍ରଚ୍ଛଦ ପ୍ରସଙ୍ଗ

ରଙ୍ଗ, ଅବିର ଆଉ ହୋଲିର
କଥା ଆସିଲେ ହିଁ କେମିତି
ପ୍ରେମମନସ୍କ ହୋଇଯାଏ
ମନ। ସ୍ମୃତି ହୋଇଯାଏ ତାଜା,
ଯାହାକୁ ସହଜରେ ପାସୋରି
ପାରନ୍ତିନି କେହି...

# ସେଦିନର ହୋଲି



# ହୋଲିକୁ ନେଇ ବାସ୍ତୁ

**ରଙ୍ଗର ପର୍ବ ହୋଲି। ସାଙ୍ଗସାଥୀଙ୍କ ସହ ହୋଲି ଖେଳିବା ଆଉ ନାନାଦି ସୁସ୍ୱାଦୁ ବ୍ୟଞ୍ଜନ ଖାଇବାରେ ଏହି ଶୁଭଦିନଟି କିପରି ବିତିଯାଏ ଜଣାପଡ଼େନି। କିନ୍ତୁ ବାସ୍ତୁବିତ୍‌ଙ୍କ ମତରେ ଯଦି ଏହିଦିନ କିଛି ଖାସ୍ ବାସ୍ତୁ ଟିପ୍ସକୁ ଆପଣାଯାଏ, ତା'ହେଲେ ବର୍ଷସାରା ଏହାର ସୁଫଳ ମିଳିଥାଏ। ଯେମିତିକି:**



* ଏହିଦିନ ଭଗବାନ ଶ୍ରୀକୃଷ୍ଣ ଓ ରାଧାରାଣୀଙ୍କର ଯୁଗଳ ଫଟୋ କିମ୍ବା ମୂର୍ତ୍ତି ଘରକୁ ଆଣିବା ଶୁଭ ହୋଇଥାଏ। ଏହାକୁ ଘରକୁ ଆଣି ପ୍ରଥମେ ଫୁଲ ଓ ଫଗୁ, ଅବିର ଦେଇ ପୂଜାକରିବା ପରେ ନିଜ ଇଚ୍ଛା ଅନୁଯାୟୀ ଠାକୁରଘରେ ହେଉ ଅବା ଶୋଇବାଘରେ ରଖିପାରିବେ।

* ହୋଲି ଦିନ ଭଗବାନ ଗଣେଶଙ୍କୁ ଆବାହନ କରି ତାଙ୍କ ନିକଟରେ ପଣା ଭୋଗ କଲେ ପରିବାରରେ ଖୁସି ବଢ଼ିବା ସହ ଘର ଲୋକଙ୍କର ଭାଗ୍ୟ ଖୋଲି ଯାଇଥାଏ।

* ହୋଲିରେ ଘର ହେଉ ଅବା କାର୍ଯ୍ୟାଳୟର ପୂର୍ବଦିଗ କାନ୍ଥରେ ସୂର୍ଯ୍ୟ ଉଦୟ ହେଉଥିବାର ଫଟୋ ଲଗାଇଲେ ଭାଗ୍ୟୋଦୟ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

* ଗଛଲତା ଘରକୁ ଶୁଭାଶିଷ ନେଇ ଆସିଥାନ୍ତି। ତେଣୁ ହୋଲି ଅବସରରେ ତୁଳସୀଗଛ ହେଉ କିମ୍ବା ମନିପ୍ଲାଣ୍ଟ ଅବା ଅନ୍ୟ କୌଣସି ଇନ୍‌ଡୋର ପ୍ଲାଣ୍ଟ ଆଣି ଘରେ ଲଗାଇଲେ ବାସ୍ତୁଦୋଷ ଦୂର ହୋଇଥାଏ ବୋଲି ବାସ୍ତୁବିତ୍‌ମାନେ ମତ ଦେଇଥାନ୍ତି।

* ଜାତୀୟ ପତାକାକୁ ସମ୍ମାନ ଦେବା ପାଇଁ କେତେକ କାର୍ଯ୍ୟାଳୟର ଶୀର୍ଷରେ ଏହାକୁ ଲଗାଯାଇଥାଏ। ଯଦି ଉକ୍ତ ଜାତୀୟ ପତାକାଟି ପୁରୁଣା ହୋଇଯାଇଥିବାରୁ ତାକୁ ବଦଳାଇବାକୁ ଚାହୁଁଥାନ୍ତି, ତା'ହେଲେ ହୋଲି ଦିନ ଏହାକୁ ବଦଳାଇବା ଶୁଭ ହୋଇଥାଏ। କାରଣ ଏହାଦ୍ୱାରା ମାନ ସମ୍ମାନ, ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ କରାଯାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୧୩-୧୯

**ମେଷ:** ପାରିବାରିକ ଶାନ୍ତି, ସ୍ଥିର ସିଦ୍ଧାନ୍ତ ନେବେ, ନୂତନ ମିତ୍ରତା, ପ୍ରଶାସନିକ ତତ୍ପରତା, ଯାନବାହନରେ ସମସ୍ୟା, ନିର୍ମାଣରୁ କଳହ, ଯାତ୍ରାରୁ ସୁଫଳ। ଲକ୍ଷ୍ୟପୂରଣ, ଶତ୍ରୁତାରୁ କାର୍ଯ୍ୟହାନି, ଦୁଃସାହସିକତା, ବ୍ୟବସାୟରୁ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତି।

**ବୃଷ:** ମାନସିକ ଦୁଶ୍ଚିନ୍ତା, ରକ୍ତଚାପ ବୃଦ୍ଧି, ଶାରୀରିକ ପୀଡ଼ା, ଶୁଭକାର୍ଯ୍ୟର ପ୍ରସ୍ତୁତି, କର୍ମକ୍ଷେତ୍ରରେ ଅସୁବିଧା, ବନ୍ଧୁଙ୍କୁ ଆପଣେଇ ନେବେ, ବସ୍ତ୍ରଭୂଷଣ ପ୍ରାପ୍ତି , ତୀର୍ଥାଟନ ଚିନ୍ତା, ଅର୍ଥ ପାଇବେ, କାମରେ ବିଳମ୍ବ।

**ମିଥୁନ:** କାର୍ଯ୍ୟହାନିରୁ ଅନୁତାପ, ଭଦ୍ର ମହିଳାଙ୍କ ସାହାଯ୍ୟ, ଯାତ୍ରା ପାଇଁ ଅନିଚ୍ଛା, ଅଭାବ ରହିବନି, କଫଜନିତ ପୀଡ଼ା, ସ୍ଥିରତା ଫେରିପାଇବେ, ପ୍ରଶାସନିକ ସମୀକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ, ସତ୍ୟଭାଷଣରୁ କଳହ, ଋଣ ପରିଶୋଧ।

**କର୍କଟ:** ଅସାବଧାନତାରୁ ଦ୍ରବ୍ୟ ନଷ୍ଟ, ଭାବପ୍ରବଣତା ବୃଦ୍ଧି, ବନ୍ଧୁ ଭୁଲ୍ ବୁଝିବେ। ନିଜ ପରିସରରେ ପ୍ରତିଷ୍ଠା, ନୂତନ କାର୍ଯ୍ୟାରମ୍ଭ, ଧାରକରଜ କରିବେ, ଭୁଲ୍ ବୁଝାମଣା, ପଦସ୍ଥ ବ୍ୟକ୍ତିଙ୍କ କ୍ରୋଧ, ସାହିତ୍ୟାନୁରକ୍ତ।

**ସିଂହ:** ଅଜଣା ବ୍ୟକ୍ତିଙ୍କ ବିବାଦ, ସମସ୍ୟା ଆସିପାରେ, କର୍ମକ୍ଷେତ୍ରରେ ପ୍ରଶଂସା, ସ୍ଥିରତା ଅବ୍ୟାହତ ରହିବ, ବନ୍ଧୁଙ୍କ ସହଯୋଗ, ତ୍ୱରାନ୍ୱିତ ନିର୍ମାଣ, ଭୋଗବିଳାସ, ପ୍ରାଚୁର୍ଯ୍ୟ ପାଇବେ, ଗାଡ଼ି ସମ୍ପର୍କିତ ଦୁଶ୍ଚିନ୍ତା, ଶାରୀରିକ ସ୍ୱାସ୍ଥ୍ୟହାନି, ଶୁଭଖବର ପ୍ରାପ୍ତି ।

**କନ୍ୟା:** ବିବାଦୀୟ ପରିସ୍ଥିତି, ପରାଜୟ ଲଭିବେ, ହଇରାଣରେ ପଡ଼ିପାରନ୍ତି, ଭ୍ରାତୃସମ୍ପର୍କ ବୃଦ୍ଧି, ଅର୍ଥ ଆଦାୟ, ଅଭୀଷ୍ଟ ସିଦ୍ଧି, ପାରିବାରିକ ଶାନ୍ତି, ସୁସ୍ଥତା ବ୍ୟାହତ ହୋଇପାରେ, ଚାକିରି କ୍ଷେତ୍ରରେ ପଦୋନ୍ନତି।

**ତୁଳା:** କର୍ମକ୍ଷେତ୍ରରେ ସମ୍ମାନ, ପଦମର୍ଯ୍ୟାଦା ବୃଦ୍ଧି, ଶତ୍ରୁକୃତ ସମସ୍ୟା, ଅପଦସ୍ଥ ହେବେ, କାମଟି ଶେଷ ହେବନାହିଁ, ପ୍ରତିବନ୍ଧକ ଆସିବ, ରିସ୍କ ପଦକ୍ଷେପ ନେବେ, ଅବହେଳାରୁ କାର୍ଯ୍ୟହାନି, ମାମଲାର ଶୁଣାଣି, ଆବଦ୍ଧ ଯୋଗରୁ ମୁକ୍ତ।

**ବିଛା:** ପରିସ୍ଥିତିକୁ ସଜାଡ଼ିବେ, ସମସ୍ୟାର ମୁକାବିଲା, ମୂଲ୍ୟବାନ୍ ଦ୍ରବ୍ୟ ଲାଭ, ଧର୍ମାନୁଷ୍ଠାନରୁ ପ୍ରେରଣା, ଶିକ୍ଷାରେ ସଫଳତା। ଭ୍ରମଣ ସୁଯୋଗ, ସମାଲୋଚିତ ହୋଇପାରନ୍ତି, ପ୍ରତୀକ୍ଷାଜନିତ ଯନ୍ତ୍ରଣା।

**ଧନୁ:** ବନ୍ଧୁମିଳନ, ଆମୋଦ ପ୍ରମୋଦ, କନ୍ୟାଙ୍କ ବିବାହ ସମସ୍ୟା, ପରାଶ୍ରୟତାର ଦୁଃଖ, ସ୍ୱାସ୍ଥ୍ୟରେ ଉନ୍ନତି, ପଡ଼ୋଶୀଙ୍କ ସହାନୁଭୂତି, ଶୁଭଖବର ପାଇବେ, ସାମୟିକ ବାଧା, ବିଚଳିତ ବୋଧ, ଭୁଲ୍ କାମ କରିପାରନ୍ତି, ସଙ୍ଗୀତରେ ରୁଚି।

**ମକର:** ଚିନ୍ତାମୁକ୍ତ ହେବେ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ନୂତନ ସମ୍ପର୍କ, ଆର୍ଥିକ ଅଭିବୃଦ୍ଧି, ସ୍ୱଜନ ଶତ୍ରୁତା, ସ୍ତ୍ରୀଙ୍କ ସୁପରାମର୍ଶ, ଋଣ ପରିଶୋଧ ଚିନ୍ତା, ଆଘାତ ଲାଗିପାରେ, ଆକସ୍ମିକ ଯାତ୍ରା, ବିରୋଧୀଙ୍କ ସକ୍ରିୟତା, ଦ୍ୱନ୍ଦ୍ୱର ଅବସାନ, ଦୈହିକ ଦୁର୍ବଳତା।

**କୁମ୍ଭ:** ଭୁଲ୍ ପଦକ୍ଷେପରୁ ସମସ୍ୟା, ମନରେ ବିରକ୍ତି ଆସିବ, କାର୍ଯ୍ୟହାସଲରେ ବ୍ୟତିକ୍ରମ, ଦେବ ଦର୍ଶନ। ଭ୍ରମଣ ସୁଯୋଗ, ସମସ୍ୟା ସମାଧାନ, ମାଙ୍ଗଳିକ କାମ, ବନ୍ଧୁମିଳନ, ଯାତ୍ରାରେ ସଫଳତା, ପେଟ ଗୋଳମାଳ, ପିତାଙ୍କ ସ୍ୱାସ୍ଥ୍ୟହାନି, ବ୍ୟବସାୟରେ ଉନ୍ନତି।

**ମୀନ:** ଆକସ୍ମିକ କଳହ, ବନ୍ଧୁଙ୍କ ବଦାନ୍ୟତା, ଦୂରଯାତ୍ରାର ଯୋଜନା, ନିଷ୍ପତ୍ତି ବଦଳେଇବେ, ଲେଖାପଢ଼ାରୁ ଶୁଭଫଳ, ସୁସ୍ଥତା ଫେରି ଆସିବ, ସ୍ଥଗିତ କର୍ମାରମ୍ଭ, ପ୍ରତିକୂଳ ପରିସ୍ଥିତି, ଚାପ ବଢ଼ିପାରେ, ଆଶାପୂରଣ ହେବ, ବାଲ୍ୟବନ୍ଧୁ ସାହାଯ୍ୟ କରିବେ, ଅର୍ଥପ୍ରାପ୍ତି ଘଟିବ।

# ହୋଲିର ରଙ୍ଗ ବି ଆଣିଥାଏ ଖୁସି

**ହୋ**ଲିରେ ଖେଳାଯାଉଥିବା ଫଗୁ, ଅବିରକୁ ବି ବାସ୍ତୁଶାସ୍ତ୍ରରେ ସୁଖ, ସୌଭାଗ୍ୟର ପ୍ରତୀକ ଭାବେ ବିବେଚନା କରାଯାଇଥାଏ। ଯେହେତୁ ନାଲି ରଙ୍ଗ ହେଉଛି ଉର୍ଜା ଓ ଶକ୍ତିର ପ୍ରତୀକ, ତେଣୁ ହୋଲି ଦିନ ଏହି ରଙ୍ଗର ଫଗୁ କିମ୍ବା ଅବିରରେ ହୋଲି ଖେଳିଲେ ଶରୀରରେ ଫୁର୍ତ୍ତି ଆସିଥାଏ ବୋଲି ବିଶ୍ୱାସ କରାଯାଏ। ସବୁଜ ରଙ୍ଗକୁ ସମୃଦ୍ଧି, ପ୍ରେମ, ପ୍ରଗତି ତଥା ସକାରାତ୍ମକ ଉର୍ଜାର ପ୍ରତୀକ ବୋଲି ବିବେଚନା କରାଯାଏ। ତେଣୁ ଏହି ରଙ୍ଗରେ ହୋଲି ଖେଳିଲେ ସ୍ୱାସ୍ଥ୍ୟ ଭଲ ରହିବା ସହ ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ହଳଦିଆ ରଙ୍ଗର ଫଗୁ କିମ୍ବା ଅବିରରେ ହୋଲି ଖେଳିଲେ ମୁହଁର ଶୋଭା ବଢିବା ସହ ଜୀବନରେ ଆନନ୍ଦ ଭରି ଯାଇଥାଏ ବୋଲି ଅନେକେ ବିଶ୍ୱାସ କରିଥାନ୍ତି। ସେହିପରି ଗୋଲାପୀ ରଙ୍ଗ ଜୀବନରେ ପ୍ରେମ ଭରି ଦେଇଥାଏ। ତେଣୁ ଏହି ରଙ୍ଗରେ ହୋଲି ଖେଳିଲେ ସମ୍ପର୍କରେ ଆପଣାପଣ ବଢ଼ିବା ସହ ସବୁ ପ୍ରକାର ପରିସ୍ଥିତିକୁ ସାମ୍ନା କରିବାକୁ ମନୋବଳ ବଢ଼ିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି। କୁହାଯାଏ, ନୀଳ ରଙ୍ଗରେ ହୋଲି ଖେଳିଲେ ମନରେ ସୁରକ୍ଷା ଭାବନା ଜାଗ୍ରତ ହୋଇଥାଏ। ତେବେ କେବେ ବି କଳାରଙ୍ଗର ଫଗୁ କିମ୍ବା ଅବିରରେ ହୋଲି ଖେଳିବେ ନାହିଁ। ବାସ୍ତୁଶାସ୍ତ୍ରରେ ଏହି ରଙ୍ଗକୁ ସମସ୍ୟା ବୃଦ୍ଧି ତଥା ଅବସାଦର ଏକ ଲକ୍ଷଣ ଭାବେ ବିବେଚନା କରାଯାଇଥାଏ।



# ପାଠକୀୟ

*ବୃତ୍ତି ସେମାନଙ୍କର ଭିନ୍ନ ଭିନ୍ନ କିନ୍ତୁ ଜନସେବାକୁ କରିଛନ୍ତି ଜୀବନର ବ୍ରତ, ଯେଉଁଥିପାଇଁ ବଳକା ସମୟରେ ଲୋକଙ୍କ ନିମନ୍ତେ କାମକରି ପାଲଟିଛନ୍ତି ଅନ୍ୟମାନଙ୍କ ପାଇଁ ଉଦାହରଣ। ତେଣୁ ଏଭଳି ଏକ ସମୟୋପଯୋଗୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସେବା ପାଇଁ ସମର୍ପିତ'ଟି ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। 'ବେଲଗଛ କେଉଁଠି ରହିଲେ ଶୁଭ' ଓ 'ଗୁଣକାରୀ ବେଲପତ୍ର' ଆଦି ପାଠରୁ ଅନେକ କିଛି ଅଜଣା କଥା ଶିଖିହେଲା।

*–ତପସ୍ୱିନୀ ବରାଳ, ରବି ଟକିଜ୍, ଭୁବନେଶ୍ୱର*

*ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶିତ ପ୍ରଚ୍ଛଦ ପ୍ରସଙ୍ଗ 'ସେବା ପାଇଁ ସମର୍ପିତ' ଶୀର୍ଷକଟି ସତରେ ଖୁବ୍ ନିଆରା ହୋଇଥିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ରୁଦ୍ରାକ୍ଷ' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ କବିତାର 'ଦୀପ୍ତ ଦୀପ କବି' ପ୍ରଦୀପ କୁମାର ପଣ୍ଡାଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ଚେର' ନାମକ ଗପ ଓ 'ଛିଟକା' ଓ 'ସ୍ୱପ୍ନର ସହର' ନାମକ କବିତା ଦୁଇଟିର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା।

*–ଶ୍ରୀୟାଂଶ ମିଶ୍ର, ଚନ୍ଦନପୁର, ପୁରୀ*

* ସିନେମା ପୃଷ୍ଠାରେ ସ୍ଥାନିତ 'ସାମନ୍ତା ଯାହା ଖୋଜୁଥିଲେ', 'ରହସ୍ୟ ଖୋଲିଲେ ଦିଶା', 'ହୋଲିକୁ ଅପେକ୍ଷା' ଆଦି ପାଠର ଉପସ୍ଥାପାନା ଶୈଳୀ ବେଶ୍ ନିଆରା ଲାଗୁଥିଲା ପଢ଼ିବାକୁ। ଅନ୍ୟପକ୍ଷେ ଦିଶା ପଟ୍ଟାନୀଙ୍କର ଫଟୋଟି ଖୁବ୍ ଆକର୍ଷଣୀୟ ଲାଗୁଥିଲା ଦେଖିବାକୁ। ସେହିପରି ଗାଳ୍ପିକ, ଡାକ୍ତର ଶ୍ରୀପ୍ରସାଦ ମହାନ୍ତିଙ୍କର ପ୍ରଥମ ରୋଜଗାର ସମ୍ପର୍କିତ ଲେଖାଟି ହୃଦୟସ୍ପର୍ଶୀ ହୋଇଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍ ଥିଲା।

*–ଜୟନ୍ତୀ ରଥ, ବୀରମିତ୍ରପୁର, ସୁନ୍ଦରଗଡ଼*

*'ଇଲ୍ୟୁଜନ ଟି-ଶାର୍ଟ' ପାଠଟିରୁ ଅନେକ ନୂଆ କଥା ଜାଣିହେଲା। ମଡେଲ ମିରର୍‌ରେ ସ୍ୱାତୀ ବେଶ୍ ସୁନ୍ଦରୀ ଲାଗୁଥିଲେ। ଅନନ୍ୟ ଶୈବପୀଠ ଭୀମାଶଙ୍କର ବିଷୟରେ ସହର ପୃଷ୍ଠାରୁ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ସ୍ତ୍ରୀଙ୍କ ପାଇଁ ତାଜମହଲ ଭଳି ଘର'ଟି ଏକ ନିଆରା ଆଲେଖ୍ୟ ଥିଲା ପଢ଼ିବାକୁ।

*–ଦୈତ୍ୟାରି ପଟ୍ଟନାୟକ, ଖଲ୍ଲୀକୋଟ, ଗଞ୍ଜାମ*

* ଏଥରର ଚିନ୍ମୟ ଚିନ୍ତନ 'ତୁମ ଐଶ୍ୱରିକ ପ୍ରେମ ସାଂସାରିକ ପ୍ରେମଠାରୁ ଅଧିକ କି' ନାମକ ଆଲେଖ୍ୟଟି ସତରେ ଏକ ପ୍ରେରଣାଦାୟୀ ତଥା ଭିନ୍ନ ଧରଣର ଲେଖା ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ '୩୦ ଲକ୍ଷ ଟଙ୍କାର ଛତା', 'ଲମ୍ବା ବେକ ଥିବା କୁକୁର' ଏବଂ 'ପିଲାଦିନର ତିକ୍ତ ଅନୁଭୂତି ପାଇଁ ପାଲଟିଲେ ରାକ୍ଷସ' ଆଦି ପାଠଗୁଡ଼ିକ ବେଶ୍ ନିଆରା।

*–ଜନ୍ମେଜୟ ତ୍ରିପାଠୀ, କୁଚିଣ୍ଡା, ସମ୍ବଲପୁର*

## ବିଶେଷ ଚିଠି




ଷୋହଳ ପୃଷ୍ଠାରେ ଗଢ଼ା ତୁମ ଶରୀର
ପ୍ରଚ୍ଛଦ ତୁମର ଆହାଃ କି ମନୋହର।
ସିନେମା ବି ଲାଗେ ଭାରି ବଢ଼ିଆ
ସାଥୀର ଉତ୍ତର ପୁଣି କରେ କିମିଆ।
ଅନେକ ଶିକ୍ଷା ଦିଏ ପ୍ରଥମ ରୋଜଗାର
ନୂଆ ଜାଗା ବୁଲାଇନିଏ ତୁମ ସହରଠୁ ଦୂର।
ବିବିଧା ଓ ବ୍ୟାକ୍‌ପେଜ୍‌ରେ ଥାଏ ଅନେକ କଥା
ସେଥିପାଇଁ ରବିବାରେ କରିଥାଉ ଅପେକ୍ଷା।
ହେ ମୋର ପ୍ରିୟ ଛୁଟିଦିନ,
ଖାସ୍ ତୁମେ ଆସୁଥାନ୍ତ କି ପ୍ରତିଦିନ।

*–ମୁନ୍‌ମୁନ୍ ସ୍ୱାଇଁ, ଜଙ୍କିଆ, ଖୋର୍ଦ୍ଧା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ସେଦିନର ହୋଲି

ପ୍ରତିବର୍ଷ ହୋଲି ଆସେ, ରଙ୍ଗ ବି ଉଡ଼େ। ଅବିର ରଙ୍ଗରେ ମନ ବି ରଙ୍ଗେଇ ହୋଇଯାଏ। ଏମିତି ରଙ୍ଗର ପର୍ବ ହୋଲିକୁ ନେଇ ରହିଛି ବିଭିନ୍ନ ପୌରାଣିକ, ଐତିହାସିକ ଓ ଧାର୍ମିକ କଥା କାହାଣୀ। ରଙ୍ଗ ବୋଳାବୋଳିରେ ପରସ୍ପର ମନରେ ରହେନା କିଛି ଭେଦଭାବ। ହୋଲିର ରଙ୍ଗରେ ସଭିଏ ପାସୋରି ଯାଆନ୍ତି ରାଗରୁଷାକୁ। ମାନଅଭିମାନରେ ପଡ଼େ ପୂର୍ଣ୍ଣଚ୍ଛେଦ। ପରସ୍ପର ମଧ୍ୟରେ ଭରିଯାଏ ସେହ୍ନ ସୌହାର୍ଦ୍ଦ୍ୟ। ସୃଷ୍ଟି ହୁଏ ନୂତନ ସମ୍ପର୍କ। ସୁଦୃଢ଼ ହୁଏ ବନ୍ଧୁତ୍ୱ। ସମସ୍ତେ ଖୁସିମନାନ୍ତି। ଏମିତି ଭାବଭକ୍ତିରେ ପରସ୍ପରକୁ ନିକଟତର କରିବାରେ ହୋଲିପର୍ବର ରଙ୍ଗ ଖୁବ୍ ନିଆରା। ହେଲେ ସେଦିନର ହୋଲିରଙ୍ଗ ଆଜି ବି ମନରେ ସତେଜ ରହିଥିଲା ପରି ମନେହୁଏ।ତେବେ ସେମିତି କେତେଜଣଙ୍କ ହୋଲି ଅନୁଭୂତିର ସ୍ମୃତିକୁ ନେଇ ଏଥରର ପ୍ରଚ୍ଛଦ ପ୍ରସଙ୍ଗ...

ଫାଲ୍‌ଗୁନ ପୂର୍ଣ୍ଣିମା ତିଥିରେ ରଙ୍ଗରପର୍ବ ହୋଲି ପାଳନ କରାଯାଏ। କାହିଁ କେଉଁକାଳରୁ ଦେଶର ବିଭିନ୍ନ ଗାଁଠାରୁ ଆରମ୍ଭକରି ସହର ଯାଏ ନାନାସ୍ଥାନରେ ହୋଲି ପାଳନ କରାଯାଉଥିବାର ଦେଖିବାକୁ ମିଳେ। ତେବେ ହୋଲିର ପୂର୍ବ ଦିନରୁ ସୁସଜ୍ଜିତ ବିମାନରେ ଦୋଳଗୋବିନ୍ଦଙ୍କୁ ବିରାଜମାନ କରାଇ ପାରମ୍ପରିକ ହିନ୍ଦୁ ରୀତିନୀତିରେ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ଏହି ଅବସରରେ ହୋଲିପର୍ବ ପାଳନ ହୋଇଥାଏ। ଦିନଥିଲା ଲୋକମାନେ ହୋଲିପାଇଁ ପ୍ରାକୃତିକ ଉପାଦାନ ଯଥା ନିମପତ୍ର, ଗୋଲାପଫୁଲ, ପଳାଶଫୁଲ, ହଳଦୀ, ଚନ୍ଦନ ଆଦିରେ ପ୍ରସ୍ତୁତ ପ୍ରାକୃତିକ ରଙ୍ଗକୁ ବ୍ୟବହାର କରୁଥିଲେ। ଏହି ରଙ୍ଗ ଖେଳିବା ଦ୍ୱାରା ବସନ୍ତ ଋତୁରେ ଦେଖାଦେଉଥିବା ବିଭିନ୍ନ ଚର୍ମରୋଗରୁ ଉପଶମ ମିଳୁଥିଲା। ଯାହା ସେହି ସମୟରୁ ଏକ ପର୍ବ ଭାବେ ସାମିଲ ହେବା ସହ ଭାଇଚାରାର ବାର୍ତ୍ତା ଦେଲା। ଏଇ ରଙ୍ଗର ପର୍ବ ହୋଲିକୁ ନେଇ ସମସ୍ତଙ୍କ ଭିତରେ ଯେମିତି ଉତ୍କଣ୍ଠା ଥାଏ ସେମିତି ଅନୁଭୂତି ବି ଭିନ୍ନଭିନ୍ନ ରହିଥାଏ, ଯାହା ହୋଲି ଆସିଲେ ମନେ ପଡିଯାଏ।

> ରଙ୍ଗ, ଅବିର ଆଉ ହୋଲିର କଥା ଆସିଲେ ହିଁ କେମିତି ପ୍ରେମମନସ୍କ ହୋଇଯାଏ ମନ। ସ୍ମୃତି ହୋଇଯାଏ ତାଜା, ଯାହାକୁ ସହଜରେ ପାସୋରି ପାରନ୍ତିନି କେହି...

### ବାନ୍ଧବୀଙ୍କ ମୁହଁରେ ଲଗାଇଥିବା ରଙ୍ଗ କଥା ଭୁଲି ହୁଏନା– ଅଭିନେତା ଅଶ୍ରୁମୋଚନ ମହାନ୍ତି

ହୋଲିର ଅନୁଭୂତିକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ବିଶିଷ୍ଟ ଅଭିନେତା ଅଶ୍ରୁମୋଚନ ମହାନ୍ତି କୁହନ୍ତି, ‘ସେତେବେଳେ ମୋର ବୟସ ପ୍ରାୟ ୧୫ବର୍ଷ ହୋଇଥାଏ। ଗାଁରେ ହୋଲି ବେଳେ ରଙ୍ଗ ଖେଳ ହୁଏ। ରଙ୍ଗ ବୋଳାବୋଳି ସରିଲାପରେ ସାଙ୍ଗମାନଙ୍କ ସହ ବୈତରଣୀ ନଦୀରେ ପହଁରିବା ଅନୁଭୂତି ଏବେ ବି ମନରେ ତାଜା ଅଛି। ରଙ୍ଗ ତ ବହୁଥର ଖେଳିଛି ମାତ୍ର ସେଦିନ ଯେଉଁ ବାନ୍ଧବୀଙ୍କ ମୁହଁରେ ପ୍ରଥମେ ରଙ୍ଗ ଲଗାଇଥିଲି ତାଙ୍କୁ ନିଜର କରିବାର ଚେଷ୍ଟା ବି ବଳବତ୍ତର ରହିଥିଲା। କିନ୍ତୁ ସମୟ କ୍ରମେ ଯେବେ ଭୁବନେଶ୍ୱର ଆସିଲି, ସବୁକିଛି ସ୍ମୃତି ହୋଇ ରହିଗଲା। ହେଲେ ସେଦିନର ସେହି ବାନ୍ଧବୀଙ୍କ ରଙ୍ଗବୋଳା ମୁହଁ ଦେଖିବାର ଅନୁଭବ ପୂରା ଅଲଗା ଥିଲା। ସେ ରଙ୍ଗରେ ପରସ୍ପର ମଧ୍ୟରେ ଏମିତି କିଛି ଆତ୍ମୀୟତା, ବିଶ୍ୱାସ, ବନ୍ଧୁତ୍ୱ ସମ୍ପର୍କକୁ ସୂଚାଉଥିଲା, ଯାହା କେବେ ବି ପାସୋରି ହୁଏ ନୁହେଁ। ଆଉ ସେଦିନ ହୋଲିରେ ପଳାଶଫୁଲ ରଙ୍ଗରେ ଖେଳିଥିଲି। ସେ ରଙ୍ଗ ଥରେ ଲାଗିଗଲେ ଛାଡ଼ି ନ ଥାଏ। ପୂର୍ଣ୍ଣେନ୍ଦୁ, ଆବୁଲା, ସନା, ଟିଙ୍କିନା, ତନୁ, ବାବୁ, ବନା ଆଦି ଅନେକ ସାଙ୍ଗଙ୍କ ସହିତ ଖେଳିଥିବା ହୋଲି ଏବେ ପୂରା ଅତୀତ। ଯାହା କେବେ ଫେରିବନି। ହେଲେ ବର୍ତ୍ତମାନ ଯେଉଁ ବୟସ ଆସିଲା ରଙ୍ଗ ବୋଳି ଖେଳିବା ବେଳକୁ ପୃଥିବୀରେ ଯୁଦ୍ଧର ବାରୁଦ ଗନ୍ଧ। ଏବେ ଗାଁ ଗହଳିର ହୋଲି ରଙ୍ଗ ସହିତ ଅନୁଭୂତ ହୁଏ ଯୁଦ୍ଧପରି ରକ୍ତର ହୋଲି। ଏଠି ରଙ୍ଗଟା ଅନୁଭବ କରି ହୁଏନା। କେଉଁଠି ନା କେଉଁଠି କିଛି କିଛି ଭାବ କମିଗଲା ପରି ମନେହୁଏ। ତଥାପି ଆଶାକରେ ଶାନ୍ତି ଆସିବ ଇନ୍ଦ୍ରଧନୁର ସପ୍ତରଙ୍ଗରେ। ଫଗୁଣରେ ଭରିଦେବ ଖୁସି ରଙ୍ଗର ଫୁଆରା। ସୃଷ୍ଟି ହେବ ହୋଲିରଙ୍ଗର ନିଆରା

→













ବନ୍ଧୁତ୍ୱ । ସବୁଦିନ ପାଇଁ ମନେ ରହିଥିବ ସେଦିନ ହୋଲିର ସେହି ଅଭୁଲା ରଙ୍ଗ ।

## ରାସ୍ତାରେ ଯାଉଥିବା ଲୋକଙ୍କୁ ପିଚକାରି ମାରୁଥିଲୁ-ଅବନୀ ମିଶ୍ର

ବସନ୍ତ ଋତୁର ଆଗମନରେ ପ୍ରକୃତି ଅତୀବ ମନୋରମ ହୋଇଉଠେ, ଯାହା ଜୀବନ ଜିଇବାର ଇଚ୍ଛାକୁ ଆହୁରି ଆନନ୍ଦମୟ କରିଦେଇଥାଏ। ଦୋଳଯାତ୍ରାରେ ଗାଁଗଣ୍ଡା ଉତ୍ସବମୁଖର ହୋଇଉଠେ । ଆଉ ରାଧାକୃଷ୍ଣଙ୍କୁ ବିମାନରେ ବସାଇ ଘରଘର ବୁଲି ଚାଚେରୀ ଭୋଗଲାଗି ବେଳେ ଗୋପାଳଭାଇମାନେ ଲଉଡ଼ି ନୃତ୍ୟ କରିଥାନ୍ତି। ଏହା ଆଧାତ୍ମିକ ଏବଂ ସାଂସ୍କୃତିକ ଜୀବନକୁ ଅଧିକ ଋଦ୍ଧିମନ୍ତ କରିଥାଏ। ଏହାରି ଭିତରେ ହୋଲିପର୍ବ ଏକ ନିଆରା ଅନୁଭବ ଏବଂ ଅନୁରକ୍ତି ଆଣିଥାଏ। ବର୍ଷକୁ ଥରେ ଏହି ପର୍ବକୁ ସମସ୍ତେ ଅପେକ୍ଷା କରିଥାନ୍ତି। ବିଭିନ୍ନ ପ୍ରକାର ରଙ୍ଗରେ ପରସ୍ପରକୁ ରଙ୍ଗବୋଳିବା ବାସ୍ତବିକ ଆବେଗପୂର୍ଣ୍ଣ ଅନୁଭବ । ରାଜ୍ୟ କଳା ଓ ସଂସ୍କୃତି ସଂଘର ଉପ ସଭାପତି ଅବନୀ ମିଶ୍ର କୁହନ୍ତି, ମୋର ମନେପଡ଼େ ସେଦିନର ସେହି ହୋଲିଖେଳ କଥା। ସେତେବେଳେ ମୋର ବୟସ ପ୍ରାୟ ୧୨/୧୩ ବର୍ଷ ହୋଇଥାଏ। ସେହି ବର୍ଷ ହୋଲି ପାଇଁ ପୂର୍ବଦିନରୁ ମନ ଉଛନ ହେଉଥାଏ। ରାତି ପାହିଲେ ହୋଲିଖେଳ ହେବ। ସେଥିପାଇଁ ଘରେ ସାଇତା ହୋଇ ରହିଥିବା ପୁରୁଣା ପ୍ୟାଣ୍ଟ ଶାର୍ଟ ଖୋଜି ବାହାର କରିବାକୁ ବୋଉ ପଛେ ପଛେ ଘୂରୁଥାଏ। କିନ୍ତୁ ଘରର କାମ କରୁ କରୁ ବୋଉ ବେଳେ ବେଳେ ମୋ ଉପରେ ଚିଡ଼ିଯାଏ। ମାତ୍ର ପ୍ୟାଣ୍ଟ ଶାର୍ଟ ବୋଉ ମୋତେ ଖୋଜି ଦେବା ଯାଏ ଅଝଟ ହେଉଥାଏ। ଶୀଘ୍ର କେମିତି ରାତି ପାହିବ ସେଥିଯୋଗୁ ବାରମ୍ବାର ନିଦ ଭାଙ୍ଗି ଯାଉଥାଏ। ଆଉ ବଡ଼ି ଭୋରରୁ ତୁରନ୍ତ ନିତ୍ୟକର୍ମ ସାରି ରାତିରେ ତିଆରି ହୋଇ ରହିଥିବା ବାସି ପିଠା ସକାଳୁ ସକାଳୁ ଖାଇସାରିବା ପରେ ହୋଲିଖେଳିବାକୁ ବାହାରି ପଡୁଥିଲି। ପିଚକାରିରେ ରଙ୍ଗପାଣି ଧରି ସାହିଦାଣ୍ଡକୁ ବାହାରି ଯାଉଥିଲି । ପ୍ରଥମେ ସାଙ୍ଗସାଥୀ ପରସ୍ପର ମଧ୍ୟରେ ରଙ୍ଗରେ ରଙ୍ଗେଇ ହୋଇଯାଇଥାଉ। ହୋଲି ଖେଳିଖେଳି କେତେବେଳୁ ଆମସାହି ପାର ହୋଇ ଆରସାହି ରାସ୍ତାରେ ପହଞ୍ଚି ଯାଇଥାଉ । ରାସ୍ତାରେ ଯାଉଥିବା ଲୋକଙ୍କୁ ଧାଇଁଯାଇ ଅତର୍କିତ ଭାବେ ପିଚକାରି ମାରିଥିଲୁ। କିଏ କିଏ ରାଗି ଯାଆନ୍ତି ତ ପୁଣି କିଏ କିଏ ସ୍ନେହଭରା ହସଟିଏ ହସିଦେଇ ଚାଲି ଯାଆନ୍ତି। ଅବଶ୍ୟ ସେତେବେଳେ ରାସ୍ତାରେ ଏତେ ଗାଡ଼ିମୋଟର ଯାଉ ନ ଥାଏ। କେହିକେହି ସାଇକେଲରେ ତ ପୁଣି କେହି ଚାଲିକି ଯା'ଆସ କରୁଥାନ୍ତି। ଏମିତି ଖେଳରେ ସେଦିନ ସାଙ୍ଗମାନେ ଶାର୍ଟକୁ ବି ଚିରାଚିରି କରିଦେଇଥାନ୍ତି। ଘରକୁ ଫେରିବା ପରେ ବୋଉ କେତେ ଗାଳି ଦିଏ। ସେ ସାବୁନ ଦିଏ ପୁଣି ଦେହରୁ ରଙ୍ଗ ଛଡ଼ାଇ ଗାଧୋଇ ଦିଏ। କେହି କେହି ପୋଖରୀ, ନଦୀକୁ ଗାଧୋଇବାକୁ ଯାଇଥାନ୍ତି। ଆମର ଖେଳ ସରିଯାଇଥାଏ। ଆଉ ଖରାବେଳଟାରେ ବହୁତ ଲୋକ ବଜାର ରାସ୍ତା ଦେଇ ନାଚଗୀତରେ ହୋଲି ଖେଳିଖେଳି ମିଛି ମିଛିକା କୋକେଇରେ ହୋଲିକା ଅସୁରୁଣୀକୁ କାନ୍ଧେଇ ବୁଲିଥାନ୍ତି। ଏପରି ନାଚଗୀତ ଦେଖିବାକୁ ସ୍ତ୍ରୀଲୋକମାନେ ଘର ଭିତରେ ଲୁଚିଲୁଚି ଝରକା ଫାଙ୍କରେ ଅନେଇଥାନ୍ତି। ହୋଲି ଖେଳବେଳେ ଯଦି କାହା ସହିତ ଟିକେ ମନୋମାଳିନ୍ୟ ହୋଇଥାଏ ସେ ସବୁକୁ ନେଇ କେହି ଆକ୍ରୋଶଭାବ ରଖି ନ ଥାନ୍ତି। ସାଙ୍ଗମାନଙ୍କ ଦେହରେ ଲାଗିଥିବା ହୋଲି ରଙ୍ଗ ଗାଧୋଇବାରେ ଯଦି ଭଲରେ ଛାଡ଼ି ନ ଥାଏ ତେବେ ସେହି ସାଙ୍ଗମାନେ ସନ୍ଧ୍ୟାବେଳେ ଏକାଠି ହେଲେ ରଙ୍ଗ ଦେଖେଇ ହୁଅନ୍ତି । ହେଲେ ସେଦିନର ହୋଲି ଖେଳ ଆଉ ସେଭଳି ନାହିଁ। ଏବେ ଅଧିକାଂଶ ରାସାୟନିକ ରଙ୍ଗ ପରି ମଣିଷ ମନରେ ଅହଂକାର ଆଉ କ୍ରୋଧ ଯୋଗୁ ମନଠାରୁ ମନକୁ ସତେ ଯେମିତି ଦୂରେଇ ଦେଉଛି।

## ରଙ୍ଗ ଲଗାଇବାର ଖୁସିରେ ଲୁହ ବୋହି ଆସେ-ଶୈଳଭାମା ମହାପାତ୍ର


ସାମାଜିକ, ସାଂସ୍କୃତିକ ଏବଂ ପାରମ୍ପରିକ ବନ୍ଧନରେ ହୋଲିପର୍ବ କେଉଁକାଳୁ ମଣିଷକୁ ପ୍ରଭାବିତ କରିଆସିଛି। ତେବେ ହୋଲିରେ ରଙ୍ଗଖେଳକୁ ନେଇ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର କୁହନ୍ତି, 'ବାହାରେ ସେତେବେଳେ ହୋଲିରେ ରଙ୍ଗ ଖେଳିବାକୁ ବାପା ବାରଣ କରୁଥିଲେ। ଏଥିପାଇଁ ଘରେ କେତେଜଣ ଆତ୍ମୀୟ ସ୍ୱଜନଙ୍କ ସହିତ ହୋଲିରେ ଅବିର ଖେଳିଥିଲି। ସମୟକ୍ରମେ ବାପାଙ୍କ ଦେହାନ୍ତ ଘଟିଲା। କିନ୍ତୁ କଟକରେ ରହିଲା ବେଳେ ହୋଲିରେ ସାଙ୍ଗମାନେ ଘରକୁ ଆସନ୍ତି। ଏଥିଯୋଗୁ ପରସ୍ପର ଘରକୁ ଯାଇଥାଉ। ସେମାନଙ୍କ ସହିତ ଅନ୍ୟ ନୂଆବନ୍ଧୁମାନେ ବି ସାମିଲ ହୋଇଥାନ୍ତି। ଯେଉଁ ସାଙ୍ଗମାନଙ୍କ ସହିତ ବ୍ୟସ୍ତତା ଯୋଗୁ ପୂର୍ବରୁ ସମୟ ଦେଇପାରି ନ ଥାଏ, ଏଥିପାଇଁ ସେମାନେ କୁହନ୍ତି ତମକୁ ପରା ସମୟ ମିଳୁ ନ ଥିଲା ଏବେଳରେ କେମିତି ଆସିଲ। ସତରେ ସେ ଅନୁଭୂତି ନିଆରା। ରଙ୍ଗ ଲଗାଇବାର ଖୁସିରେ ଲୁହ ବୋହି ଆସେ। ସବୁ ମାନଅଭିମାନ କୁଆଡ଼େ ଚାଲିଯାଏ। ଏମିତିରେ ଟି .ସୌରୀ, ଶୁଭାଶିଷ ମହାକୁଡ଼, ଶକ୍ତି ତ୍ରିପାଠୀ, ଦିପ୍ତୀ ଦାସ, ଗାୟତ୍ରୀ ଓ ମନିଭାଇଙ୍କ ସହିତ ହୋଲି ଖେଳିଛି । ଗୁରୁଜନଙ୍କ ପାଦଛୁଇଁ ହୋଲିରେ ରଙ୍ଗ ଦେଇଛି। ହୋଲିରେ ନାଚିବା, ଖେଳିବା, ଗୀତ ଗାଇବା, ଭୋଜି ଖାଇବା ଓ ପଣା ପିଇବା ସହିତ ନୂଆନୂଆ ବନ୍ଧୁ ଯୋଡ଼ିହୋଇଥାନ୍ତି। ସମସ୍ତେ ମିଶି ଖୁସିମନାନ୍ତି। ପ୍ରାୟ ୨ବର୍ଷ ହେବ କରୋନା ଯୋଗୁ ସେସବୁରେ ଅବଶ୍ୟ ଟିକେ ବ୍ୟତିକ୍ରମ ଘଟିଛି। ଲାଗୁଛି ସବୁ ଠିକ୍‌ହୋଇ ଯିବ। ଚଳିତ ବର୍ଷ ନିଜ ଭିତରେ ଖୁସି କରିବାକୁ ହେବ। ଯଦି ହୋଲିପର୍ବଦିନ କେଉଁଠାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାର ସୁଯୋଗ ମିଳିଥାଏ। ସେଠାରେ ଶ୍ରଦ୍ଧାରେ ହୁଏତ ହୋଲି ପାଇଁ କେହି ଜଣା ଅଜଣା ବନ୍ଧୁଙ୍କ ସହିତ ରଙ୍ଗ ଓ ଅବିର ଖେଳ ମୋ ପାଇଁ ସ୍ମୃତି ହୋଇ ରହିବ।

## ରଙ୍ଗ ଖେଳିବାକୁ ଭୟ ଲାଗୁଥିଲା-ଡକ୍ଟର ମୀନାକ୍ଷୀ ଦାସ

ହୋଲିରେ ରଙ୍ଗ ଖେଳର ନିଆରା ଅନୁଭୂତିକୁ ନେଇ ଅବସରପ୍ରାପ୍ତ ଶୈକ୍ଷିକ ଅଧିକାରୀ, ଓଡ଼ିଆ ବିଷୟ ବିଶେଷଜ୍ଞ ଡକ୍ଟର ମୀନାକ୍ଷୀ ଦାସ କୁହନ୍ତି, 'ପିଲାଦିନେ ହୋଲି କ'ଣ ଜାଣିବା ପୂର୍ବରୁ ଏକ ଅଦ୍ଭୁତ ଘଟଣା ମୋ ଦୃଷ୍ଟିରେ ପଡ଼ିଲା। ତାହା ଅଦ୍ୟାବଧି ବୁଝି ହେଉ ନ ଥିଲେ ହେଁ ଅନ୍ତର୍ମନରେ ଏକ ଅଜଣା ଭୟ ସଞ୍ଚାର କରିଦେଲା। ସେତେବେଳେ ମୋର ବୟସ ପ୍ରାୟ ୫/୬ହେବ। ସେଦିନ ଥାଏ ହୋଲି ପର୍ବ । ମୁଁ ବାପାଙ୍କ ପାଖରେ ଭୁବନେଶ୍ୱର ୬ ନମ୍ବର ଅଞ୍ଚଳର ଏକ ସରକାରୀ କ୍ୱାର୍ଟରରେ ରହୁଥିଲି। ବାପା ବାରଣ୍ଡାରେ ବସି ଦାଢ଼ି କାଟୁଥାନ୍ତି। କିଛି ସମୟ ପରେ ତାଙ୍କର କେତେଜଣ ସାଙ୍ଗ ଓ ପଡ଼ୋଶୀ ବନ୍ଧୁମାନେ ରଙ୍ଗର ବିକୃତ ଚେହେରା ନେଇ ଆସିଲେ । ବାପାଙ୍କୁ କହିଲେ ବୃନ୍ଦାବନବାବୁ ଆସନ୍ତୁ ଯିବା। କିନ୍ତୁ ବାପା କହିଲେ ମୋତେ ରଙ୍ଗବୋଳି ଆପଣମାନେ ଯାଆନ୍ତୁ, ମୋର ଟିକେ କାମ ଅଛି। ସେମାନେ କିନ୍ତୁ ନଛୋଡ଼ବନ୍ଧା। କିନ୍ତୁ କିଛି କ୍ଷଣପରେ ବାପାଙ୍କୁ ସମସ୍ତେ ଟାଣିଟାଣି ନେଇ କଳା, ନାଲି ଓ ନେଳି ରଙ୍ଗ ବୋଳିବା ସହିତ ସାଥିରେ ନେଇଗଲେ। ମୁଁ ରଡ଼ି ଛାଡ଼ି ଘରେ ମା'ଙ୍କ ପାଖକୁ ଦୌଡ଼ି

→








ସୁବୋଧ ପଟ୍ଟନାୟକ


ଡ. ତାପସ ସାମନ୍ତରାୟ


ଡକ୍ଟର ମୀନାକ୍ଷୀ ଦାସ

ଆସିଲି। ସେ ବୁଝାଇ କହିଲେ, ବାପା ଆଉ ଟିକେ ପରେ ଆସିବେ, ମୁଁ କିନ୍ତୁ କହିଲି ସେମାନେ ବାପାଙ୍କ ମୁହଁ ଖରାପ କରିଦେଲେଣି । ହେଲେ ମା' କହିଲେ ସେସବୁ ଠିକ୍ ହୋଇଯିବ। ତୁ ଚିନ୍ତା କରନା । କିନ୍ତୁ ଟିକିଏ ଆଶ୍ୱସ୍ତ ହେବାର କିଛି ସମୟ ପରେ ପୁଣି ଦଳେ ସ୍ତ୍ରୀଲୋକ ଆସି ଆମ କବାଟ ବାଡ଼େଇ ମିନୁବୋଉ ମିନୁବୋଉ କବାଟ ଖୋଲ। ସେତେବେଳେ ଆମେ ଭାଇ ଭଉଣୀ ବୋଉ ପାଖରେ ରହିଥାଉ। ମା' ସେମାନଙ୍କ ପାଟିଶୁଣି ତରତର ହୋଇ ଘରେ ସାଦାଲୁଗା ଖଣ୍ଡେ ପିନ୍ଧି ଦାଣ୍ଡଘରେ ଠିଆହେଲେ। କବାଟ ଖୋଲିଦେବାରୁ ସେମାନେ ଢାଳରେ ନାଲିନେଳି ରଙ୍ଗପାଣି ଆଣିଥାନ୍ତି। ହାତରେ କିଛିଟା କଳା ରଙ୍ଗ ଓ ଢାଳପାଣିକୁ ତାଙ୍କ ମୁଣ୍ଡରେ ଢାଳିଦେଇ ଚାଲିଗଲେ। ମାତ୍ର ରଙ୍ଗ ପ୍ରତି ମୋର କେମିତି ଏକ ଘୃଣାଭାବ ଆସିବାରୁ ମୁଁ ମନେମନେ ଭାବିନେଲି ଆଜି ମା' କି ବାପାଙ୍କ ହାତରେ ଖାଇବି ନାହିଁ। ମୋର ଜଣେ ମାଉସୀ ଥିଲେ ତାଙ୍କ ପାଖକୁ ଚାଲିଗଲି। ମାତ୍ର ମାଉସୀ ଶୋଇଥିବାବେଳେ ଝରକା ଖୋଲି କେହିଜଣେ ନାଲି ରଙ୍ଗ ପାଣି ଛିଟା ତାଙ୍କ ସାଥିରେ ଥିବା ଛୁଆ ଉପରେ ପକାଇଥିଲା। ମାଉସୀ ସେହି ରଙ୍ଗକୁ ପୋଛି କାନିରେ ହାତ ପୋଛି ଦେଲେ। ତେଣୁ ମାଉସୀଙ୍କ ହାତରୁ ଖାଇବା ଆଶା ମଧ୍ୟ ମଉଳିଗଲା। ସେଦିନ ବହୁ ସମୟ ଯାଏ ଉପାସ ଥିଲି। କିନ୍ତୁ ପିଲାଦିନେ ଅବଚେତନ ମନରେ ପଶିଯାଇଥିବା ଭୟ କାରଣରୁ ଏବେ ବି ମୁଁ ରଙ୍ଗ ଖେଳିବାକୁ ଭୟ କରେ। କିନ୍ତୁ ପ୍ରାକୃତିକ ପଳାଶ ଫୁଲର ରଙ୍ଗ ଦେହପାଇଁ ହିତକର ଜାଣିବା ପରେ ସେଥିରେ ସପରିବାର ହୋଲି ଖେଳୁଛୁ। ଗୁରୁଦ୍ୱାର ଓ ଆଶ୍ରମରେ ହୋଲି ଖେଳର ମଜା ନେଇଥାଏ। ଯାହା ହେଉ ହୋଲି ଆମ ପରମ୍ପରାର ଏକ ବିଶେଷ ଉତ୍ସବ। ଭ୍ରାତୃତ୍ୱ ଭାବନାର ଏକ ନିଚ୍ଛକ ପରିପାଟୀ କହିଲେ ଅତ୍ୟୁକ୍ତି ହେବ ନାହିଁ।

**ସେଦିନର ହୋଲି ଚଳଚ୍ଚିତ୍ର ଦୃଶ୍ୟ ପରି ଲାଗେ–ସୁବୋଧ ପଟ୍ଟନାୟକ**

ନାଟ୍ୟଚେତନାର ପ୍ରତିଷ୍ଠାତା ସୁବୋଧ ପଟ୍ଟନାୟକ କୁହନ୍ତି, 'ଅନୁଷ୍ଠାନ ତରଫରୁ ଆରମ୍ଭରୁ ହିଁ ପ୍ରତିବର୍ଷ ହୋଲି ପାଳନ କରିଆସୁଛୁ। କାରଣ ନାଟକ ଏକ ସାମୂହିକ କଳା। ଏଥିସହିତ ଅନ୍ତରଙ୍ଗ ଭାବ ସୃଷ୍ଟି କରିଥାଏ। ସେହିପରି ହୋଲି ଦିନ ଚିହ୍ନା ଅଚିହ୍ନା ପରସ୍ପରକୁ ଛୁଇଁ ପାରୁ । ଜଣେ ମଣିଷ ଅନ୍ୟକୁ ଛୁଇଁବା ଦ୍ୱାରା ମନରେ ସାହସ, ବିଶ୍ୱାସ, ସମର୍ଥନ ଓ ଆଶୀର୍ବାଦ ମିଳିଥାଏ। ହୋଲିରେ ଆମେ ଗୁରୁଜନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥାଉ। ମାତ୍ର ପିଲାଦିନେ ଆମ ଗାଁରେ ରାଧାକୃଷ୍ଣ ମନ୍ଦିରଠାରେ ଫଗୁଦଶମୀ ଦିନ ସପରିବାର ମଧ୍ୟରେ ହୋଲିଖେଳ ହୁଏ। ପରିବାରର ଯିଏ ଯେଉଁଠି ଥିଲେ ଏହି ଦିନ ଗାଁକୁ ଫେରିଥାନ୍ତି। ଏହି ଅବସରରେ ପରସ୍ପର ମଧ୍ୟରେ ଗୋଟିଏ ଦିନରେ ଭେଟ ହୋଇଥାଏ। ଆମ ଗାଁ ପୁରୀ ଜିଲାର ଡେଲାଙ୍ଗ ଉଦୟପୁରରେ। ଏଠାରେ ହୋଲିଦିନ ଏକ ଭୋଜି ହୁଏ। ସେଦିନର ହୋଲି ଖେଳ ପରି ଆଜିକାଲି ହୁଏତ ସେଭଳି ଆତ୍ମୀୟତାବୋଧ ବାରି ହେଉନାହିଁ। କେଉଁଠି ନା କେଉଁଠି କିଛି ଭୟ ଥିଲାପରି ମନେହେଉଛି। ସେତେବେଳେ ହୋଲି ଖେଳରେ ଖୁବ୍ ଆଧ୍ୟାତ୍ମିକ ଭାବ ଆସୁଥିଲା। ସେଦିନର ହୋଲିରେ ଖୁସି ବିଶ୍ୱାସ ଭରି ରହୁଥିଲା। ମୋର ମନେପଡୁଛି ଜଣେ ଭଦ୍ର ମହିଳା ଇଂଲଣ୍ଡରୁ ଆସିଥିଲେ। ସେଦିନ ହୋଲି ଥିବାରୁ ତାଙ୍କୁ ବାହାରକୁ ନ ବାହାରିବାକୁ ଅନେକେ ମନାକରିଥିଲେ। ତେବେ ମୁଁ ଦୃଢ଼ତା ଓ ଆତ୍ମବିଶ୍ୱାସର ସହିତ ତାଙ୍କୁ ମୋ ସାଥିରେ ହୋଲିଖେଳରେ ବୁଲାଇଥିଲି। ସେ ମୁକ୍ତରେ ହୋଲିରେ ରଙ୍ଗ ଖେଳି ଖୁସି ହୋଇଥିଲେ। ତାଙ୍କ ମନରେ କୌଣସି ବିରକ୍ତି କି କ୍ରୋଧ ନ ଥିଲା। ସେ ଏତେ ଖୁସି ହୋଇପଡ଼ିଥିଲେ ଯେ ଆମଦେଶର ଏହି ପର୍ବକୁ ବହୁତ ପ୍ରଶଂସା କରିବା ସହିତ ମୋ ପ୍ରତି ଅତ୍ୟନ୍ତ ଖୁସିହୋଇଥିଲେ। ସେ କହିଲେ, ଆମ ଦେଶରେ କେହି କାହାରିକୁ ବିନା ସ୍ୱୀକୃତିରେ ଛୁଇଁବା ବାରଣ ରହିଛି । ତେବେ ଏହି ପର୍ବରେ ସମସ୍ତେ ହୋଲି ଖେଳିବାରେ ପରସ୍ପରକୁ ଛୁଇଁବାରେ ଖୁସି ଅଛନ୍ତି। ଏହା ସବୁଦିନ ମନେରହିବ। ଗାଁରେ ଖେଳିବା ବେଳେ ଆମେ ଗାଁ ପୋଖରୀକୁ ଗାଧୋଇବାକୁ ଯାଉଥିଲୁ। ଗାଁରେ ଥିବା ବିଭିନ୍ନ ଜଳଖିଆ ଓ ପାନ କି ଗ୍ରସେରି ଦୋକାନୀଙ୍କଠାରୁ ମାଗଣାରେ ସାବୁନ ମିଳୁଥିଲା। ସେମାନଙ୍କଠାରୁ ସାବୁନ ନେଇ ଗାଧୋଇ ହୋଲିର ରଙ୍ଗକୁ ଧୋଉଥିଲୁ। ଏବେ ସେଦିନ ହୋଲି କଥା ମନେପଡ଼ିଲେ ଚଳଚ୍ଚିତ୍ର ଦୃଶ୍ୟ ପରି ଲାଗେ।

**ସେଦିନ ହୋଲି ନ ଖେଳି ରଙ୍ଗିନ ହୋଇଥିଲି–ଡ. ତାପସ ସାମନ୍ତରାୟ**

ହୋଲି କେବେ ଗାଁରେ ତ ପୁଣି କେବେ ମାମୁଘର ଗାଁରେ, ଆଉ କେବେ ଅନ୍ୟସ୍ଥାନରେ ପାଳନ କରିଥିବା ଅନୁଭୂତିକୁ ନେଇ ସହନିର୍ଦ୍ଦେଶକ ପୂର୍ବାଞ୍ଚଳ ସଂସ୍କୃତି କେନ୍ଦ୍ର କୋଲକାତା, ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରର ଡ. ତାପସ ସାମନ୍ତରାୟ କୁହନ୍ତି, ପିଲାଦିନେ ପ୍ରତିବର୍ଷ ହୋଲିକୁ ମାମୁଘର ଗାଁକୁ ଯାଉଥିଲି। ସେତେବେଳେ ୫ମ ଶ୍ରେଣୀରେ ପଢୁଥାଏ। ମାମୁଘର ଖୋର୍ଦ୍ଧାର ପଲ୍ଲା ଅଞ୍ଚଳ। ହୋଲି ପୂର୍ବ ଦିନ ସେଠାରେ ରାଧାକୃଷ୍ଣ ଦୋଳରେ ବୁଲନ୍ତି। ରାତିରେ ଚାଟେରୀ ଭୋଗ ଖାଆନ୍ତି । ଦୋଳରେ ଠାକୁର ବୁଲୁଥିବାବେଳେ ଆମେ ସଂକୀର୍ତ୍ତନ ଦଳରେ ନାଚିନାଚି ପଟୁଆର ଭିତରେ ଚାଲୁଥିଲୁ। ଜହ୍ନ ରାତିରେ ମାମୁଘର ଗାଁମୁଣ୍ଡ ପାରହୋଇ କେତେବେଳେ ଅନ୍ୟ ଗାଁରେ ଆସି ପହଞ୍ଚି ଯାଇଥିଲୁ । ଏଠାରେ ଦୋଳ ମେଳଣ ହେଉଥିବାରୁ ଅନ୍ୟ ଗାଁର ଲୋକମାନଙ୍କ ଭିତରେ ମୁଁ ଏବଂ ମୋର ସାଙ୍ଗ ବାବୁ ରହିଯାଇଥାଉ। ମାମୁଘର ଗାଁଲୋକଙ୍କୁ ସେଠାରେ ଆଉ ପାଇଲୁ ନାହିଁ। ଏହି ସମୟରେ କ'ଣ କରିବୁ କୁଆଡ଼େ ଯିବୁ ଏମିତି ଚିନ୍ତା ଘାରିଲା। କିଛିସମୟ ପରେ ଦୁଇ ସାଙ୍ଗ ମିଶି ହାତ ଧରାଧରି ହୋଇ ସେହି ଜହ୍ନ ରାତିରେ ମାମୁଘର ଗାଁ ରାସ୍ତା ଅଭିମୁଖେ ଦୌଡ଼ିଥିଲୁ। କିଛିଦୂର ଆସିଲାପରେ ଏକ ମଶାଣି ପଡ଼ିଲା । ଆମକୁ ଦେଖି ସେଠାରେ କେତୋଟି କୁକୁର ଭୁକିଥିଲେ। ଏଥିଯୋଗୁ ଆମେ ଟିକେ ଡରିଯାଇ ଚୁପଚାପ ଠିଆହୋଇପଡ଼ିଲୁ। ତା' ପରେ କୁକୁର ପଳାଇବାରୁ ପୁଣି ଦୌଡ଼ିବା ଆରମ୍ଭ କରି ମାମୁଘରେ ପହଞ୍ଚିଥିଲୁ। ସେହି ରାତିରେ ମୋତେ ଜ୍ୱର ହୋଇଯାଇଥିଲା। ସକାଳେ ହୋଲି। ମାତ୍ର ମଶାଣିଠାରେ ରାତିରେ ଡରିଥିବି ବୋଲି ମୋ ଆଈ ଜଣେ ଗୁଣିଆଙ୍କୁ ଡାକି ମୋତେ ଝଡ଼ାଫୁଙ୍କା କରାଇଥିଲେ । ସେଦିନ ହୋଲି ରଙ୍ଗରେ ଅନ୍ୟମାନେ ରଙ୍ଗିନ ହୋଇଥାନ୍ତି। ମୁଁ ଖେଳିପାରି ନ ଥିବାରୁ ମନ ଦୁଃଖ ଥାଏ। ହେଲେ ମୋତେ ଧରି ବସିଥିବା ଜଣେ ସମ୍ପର୍କୀୟ ଅଜାଙ୍କ ମୁଣ୍ଡ ଓ ଦେହରେ ବହୁତ ଫଗୁ ପଡ଼ିଥାଏ। ସେଇ ଫଗୁ ଓ ରଙ୍ଗ ମୋ ଦେହରେ ଲାଗି ଯାଇଥିଲା। ଜ୍ୱରରେ ଥିଲେ ବି ସେଦିନ ହୋଲି ନ ଖେଳି ରଙ୍ଗିନ ହୋଇଥିବା ମନେହେଲା।

**ଏବେ ଉପର ଠାଉରିଆ ଭାବେ ହୋଲି ଖେଳୁଛୁ –କଣ୍ଠଶିଳ୍ପୀ ସୁବାସ ରାମ**

ପ୍ରତିବର୍ଷର ହୋଲିଖେଳକୁ ନେଇ ଭିନ୍ନ ଭିନ୍ନ ଅନୁଭୂତି ରହିଛି। ସେଦିନର ହୋଲି ରଙ୍ଗକୁ ନେଇ କଣ୍ଠଶିଳ୍ପୀ ସୁବାସ ରାମ କୁହନ୍ତି, 'ପ୍ରାୟ ୧୧/୧୨ବର୍ଷର ହୋଇଥାଏ। ରଙ୍ଗ ଖେଳିବାକୁ ପ୍ରତିବର୍ଷ ହୋଲିକୁ ଅପେକ୍ଷା କରିଥାଉ। ସେଥିପାଇଁ ସାଙ୍ଗମାନେ ହୋଲି ଖେଳର ପ୍ରାୟ ୧୫ଦିନ ପୂର୍ବରୁ ଗାଁର ବିଭିନ୍ନ ସ୍ଥାନରେ ଥିବା ପଳାଶ ଫୁଲକୁ ସଂଗ୍ରହକରି ଏକ ମାଟିହାଣ୍ଡିରେ ଫୁଟାଇ ସେଥିରୁ ରଙ୍ଗ ପ୍ରସ୍ତୁତ କରିଥାନ୍ତି। ହୋଲିର ପୂର୍ବଦିନ ଦୋଳ, ଠାକୁରଙ୍କ ମେଳରେ ଗାଁଗାଁ ବୁଲି ଅବିର ଖେଳିଥାଉ। ଆଉ ହୋଲି ଦିନ ସକାଳୁ ସକାଳୁ ଘରେ ଅଳ୍ପ କିଛି ଖାଇ ଦେଇ ସାଙ୍ଗମାନେ ଏକାଠି ହୋଇଥାଉ। ବାଲ୍‌ଟିରେ ରଙ୍ଗପାଣି। ହାତରେ ବାଉଁଶ ତିଆରି ପିଚକାରି। ପରସ୍ପର ମଧ୍ୟରେ ରଙ୍ଗ ଖେଳ ଚାଲେ । ପୁଣି ଖେଳିଖେଳି ଥକି ଗଲେ ଯିଏ ଯାହା ପଣାପାଣି ଦିଅନ୍ତି ପିଇଦେଇଥାଉ। ଥରେ ଗାଁରେ ସାଙ୍ଗ ଝିଅ ସାଙ୍ଗମାନଙ୍କ ସହିତ ହୋଲି ଖେଳିଥିଲୁ। ସେମାନେ ଅଳ୍ପ ଟିକେ ରଙ୍ଗ ମାରନ୍ତୁ କହୁଥିଲେ ହେଁ ଆମେ ବହୁତ ରଙ୍ଗମାରି ଖୁସି ହେଉଥିଲୁ। ସେସବୁ କଥା ହୋଲି ଆସିଲେ ମନେପଡେ। ଆଗଭଳି ମଜା ଆଉ ଆଜିର ହୋଲିରେ ନାହିଁ। ଏବେ ତ ଉପର ଠାଉରିଆଭାବେ ହୋଲି ଖେଳୁଛୁ। କେବଳ ବିଧି ପାଳନରେ ହୋଲି ଖେଳ ସାରୁଛୁ। ହୋଲିରେ ନ ଥାଏ ଭେଦଭାବ। ବଢ଼ିଥାଏ ବନ୍ଧୁତ୍ୱ ଓ ଭାଇ ଚାରାର ସମ୍ପର୍କ । ଆଉ ଏଇ ହୋଲିର ଅନୁଭୂତି ସମସ୍ତଙ୍କ ପାଇଁ ଭିନ୍ନ ଭିନ୍ନ ହୋଇଥାଏ।

–ବନବିହାରୀ ବେହେରା


ଅଶ୍ରୁମୋଚନ ମହାନ୍ତି


ସୁବାସ ରାମ


ଶୈଳଭାମା ମହାପାତ୍ର


ଅବନୀ ମିଶ୍ର

# ଆକର୍ଷଣୀୟ ହୋଲି ଲୁକ୍









**ରଙ୍ଗର ପର୍ବ ହୋଲିରେ କିପରି ସଜେଇ ହେଲେ ପରଫେକ୍ଟ ହୋଲି ଲୁକ୍ ପାଇହେବ, ସେ ନେଇ ଅନେକଙ୍କର ଚିନ୍ତା ଥାଏ। କାରଣ ଏବେ ଟ୍ରେଣ୍ଡ ବଦଳିଲାଣି। ଆଉ କେହି ପୁରୁଣା ପୋଷାକରେ ହୋଲି ଖେଳିବାକୁ ପସନ୍ଦ କରୁ ନାହାନ୍ତି। ବରଂ ଏହିଦିନ ସେମାନେ ସଜବାଜ ହୋଇ ଭଲ ପୋଷାକ ପିନ୍ଧି ପରିବାର ତଥା ସାଙ୍ଗସାଥୀଙ୍କ ସହ ହୋଲି ଖେଳି ମଜା ମଉଜରେ ଦିନ କାଟିବାକୁ ପସନ୍ଦ କରୁଛନ୍ତି। ତେଣୁ ଏହି ଖାସ୍ ଦିନରେ କିପରି ଆକର୍ଷଣୀୟ ଲୁକ୍ ପାଇହେବ ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

***ଆଉଟ୍‌ଫିଟ୍ :** ଶାଢି ହେଉ ଅବା ଜିନ୍ସ–କୁର୍ତ୍ତି କିମ୍ବା ଫ୍ରକ୍ ଅଥବା ସାଲୱାର୍ ସୁଟ୍, ଯେ କୌଣସି ଆଉଟ୍‌ଫିଟ୍ ପିନ୍ଧି ପରଫେକ୍ଟ ହୋଲି ଲୁକ୍ ପାଇହେବ। ତେବେ ଆଜିକାଲି ଦେଖିବାକୁ ମିଳୁଛି ଅନେକେ ହୋଲିରେ ଧଳା ରଙ୍ଗର ପୋଷାକ ପିନ୍ଧିବାକୁ ପସନ୍ଦ କରୁଛନ୍ତି। କିନ୍ତୁ ଯେଉଁଠି ରଙ୍ଗର ଏତେ ସବୁ ଭେରାଇଟି ରହିଛି, ସେଠି କେବଳ ଧଳା ରଙ୍ଗ କାହିଁକି! ଆପଣ ଚାହିଁଲେ ଏହିଦିନ ମଲ୍ଟି କଲର୍ ଆଉଟ୍‌ଫିଟ୍ କିମ୍ବା ମଲ୍ଟି କଲର୍ ଚୁନି ବି ଟ୍ରାଏ କରି ଟ୍ରେଣ୍ଡି ଲୁକ୍ ପାଇପାରିବେ। ଏପରିକି ଫ୍ଲୋରାଲ୍ ଡ୍ରେସ୍ ମଧ୍ୟ ହୋଲିରେ ଆକର୍ଷଣୀୟ ଲୁକ୍ ଦେଇଥାଏ।

***ମେକ୍‌ଅପ୍ :** ହୋଲି ଖେଳ ପାଇଁ ବି ହାଲ୍‌କା ମେକ୍‌ଅପ୍ ନେବା ଜରୁରୀ। ୱାଟର୍‌ପ୍ରୁଫ୍ ମେକ୍‌ଅପ୍ ହେଲେ ତ ଆହୁରି ଭଲ। କାରଣ ଏବେ ମାର୍କେଟ୍‌ରେ ଏମିତି ବି କିଛି ରଙ୍ଗ ମିଳୁଛି, ଯେଉଁଥିରେ କ୍ଷତିକାରକ କେମିକାଲ୍ସ ରହୁଛି। ତେଣୁ ମେକ୍‌ଅପ୍ ନେଇ ଖେଳିଲେ ରଙ୍ଗରେ ଥିବା କ୍ଷତିକାରକ କେମିକାଲ୍ସର ପ୍ରଭାବ ସ୍କିନ୍ ଉପରେ ସେତେ ବେଶି ପଡି ନ ଥାଏ। ସେହିପରି ହୋଲି ଖେଳିବାକୁ ଯିବା ପୂର୍ବରୁ ଦେହସାରା ସନ୍‌ସ୍କ୍ରିନ୍ ଲୋଶନ ଲଗାଇବା ମଧ୍ୟ ଆବଶ୍ୟକ। ତା'ଛଡ଼ା ରଙ୍ଗର ପ୍ରଭାବରୁ ନଖକୁ ସୁରକ୍ଷା ଦେବାକୁ ଚାହୁଁଥିଲେ ନେଲ୍‌ଆର୍ଟ ବି କରିପାରିବେ।

***ଜୁଏଲେରୀ:** ହୋଲିରେ ଚାହିଁଲେ ହାଲ୍‌କା ଆର୍ଟିଫିସିଆଲ୍ ଜୁଏଲେରୀ ପିନ୍ଧିପାରିବେ। ଯଦି ଏହି ଦିନ ଆପଣ ଟ୍ରାଡିଶନାଲ୍ ଡ୍ରେସ୍ ପିନ୍ଧୁଥାନ୍ତି, ତା'ହେଲେ ତାକୁ ମ୍ୟାଚ୍ କରି ଝୁମ୍‌କା କିମ୍ବା ମଲ୍ଟି କଲର୍ ଚୁଡି ଟ୍ରାଏ କରିପାରିବେ ; ଯଦ୍ୱାରା ଆକର୍ଷଣୀୟ ଲୁକ୍ ମିଳିବ। ଅନ୍ୟପକ୍ଷେ ୱେଷ୍ଟର୍ନ ଟଚ୍ ଚାହୁଁଥିଲେ, ଜିନ୍ସ, କୁର୍ତ୍ତି ହେଉ ଅବା ନି' ଲେନ୍ଥ ଫ୍ରକ୍ ସହ ବ୍ରେସ୍‌ଲେଟ୍, ଇୟର୍ କଫ୍ସ କିମ୍ବା ଷ୍ଟାଇଲିଶ୍ ମୁଦି ବି ପିନ୍ଧିପାରିବେ।

*** ହେୟାର୍ ଷ୍ଟାଇଲ୍ :** ହୋଲିଦିନ ଯେମିତି ବି ହେୟାର୍ ଷ୍ଟାଇଲ୍ କରନ୍ତୁ ନା କାହିଁକି ହୋଲିର ରଙ୍ଗ ଯେମିତି କେଶର କିଛି କ୍ଷତି ନ କରିବ ସେଥିପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ। ତେବେ ପୋନିଟେଲ୍ ହେଉଛି ହୋଲି ପାଇଁ ସବୁଠୁ ଭଲ ହେୟାର୍ ଷ୍ଟାଇଲ୍। ତା'ଛଡ଼ା ଆପଣ ଚାହିଁଲେ ମୁଣ୍ଡରେ ସ୍କାର୍ଫ ବାନ୍ଧି ମଧ୍ୟ ହୋଲି ଖେଳିପାରିବେ, ଯଦ୍ୱାରା କେଶରେ ବେଶୀ ରଙ୍ଗ ଲାଗିବ ନାହିଁ।

***ଫୁଟ୍‌ୱେର୍ :** ହୋଲି ଅବସରରେ ରବର ସୁ' ପିନ୍ଧିବା ଏକ ଭଲ ଅପ୍ସନ। କିନ୍ତୁ ଧ୍ୟାନ ଦେବେ ରବର ସୁ'ଏପରି ହୋଇଥିବା ଦରକାର, ଯାହା ପିନ୍ଧିବାକୁ କମ୍ଫର୍ଟେବଲ୍ ଲାଗିବା ସହ ପାଣିରେ ସ୍ଲିପ୍ କରୁ ନ ଥିବ। ଆପଣ ଚାହିଁଲେ ଏହି ଦିନ ଫ୍ଲିପ୍ ଫ୍ଲପ୍ ବି ଟ୍ରାଏ କରିପାରିବେ। କେହି କେହି ଏହିଦିନ ସ୍ନିକର୍ସ, ଫ୍ଲୋଟର୍ସ, ଲୋଫର୍ସ ବି ପିନ୍ଧୁଥିବା ଦେଖିବାକୁ ମିଳେ।

*** ସନ୍‌ଗ୍ଲାସ୍:** ହୋଲିରେ ସନ୍‌ଗ୍ଲାସ୍ ପିନ୍ଧିଲେ ଟ୍ରେଣ୍ଡି ଲୁକ୍ ମିଳିବା ସହ ରଙ୍ଗ ଖେଳରୁ ଆଖିକୁ ସୁରକ୍ଷା ମଧ୍ୟ ମିଳିଥାଏ। ଆଜିକାଲି କଲର୍‌ଫୁଲ୍ ସନ୍‌ଗ୍ଲାସ୍ ବି ମିଳିଲାଣି, ଯାହାକୁ ପିନ୍ଧିଲେ ହୋଲିରେ ଲୁକ୍ ଆହୁରି ଆକର୍ଷଣୀୟ ଦେଖାଯିବ।





## ଆଃ, ଏ ଫଗୁଣ

–ମାନିନୀ ମିଶ୍ର

ଫଗୁଣରେ ଗିନି, ମୃଦଙ୍ଗ, ଘଣ୍ଟଘଣ୍ଟାର ପିଟାରେ
ଭାଇରାଲ ଫିବର୍‌ରେ ଶୋଇଛି ସମୟ
ଏ ବେଳାରେ ତୁ ମତେ ଓଠରେ ଚୁମାଦେଇ ଡାକୁଛୁ
ଏବେ ମୋର ବିଷଚରା ଦେହ, ଓଠ, କଣ୍ଠ
ବେଶ୍ ଭଲ ହେଲା ମୁଁ ବିଷେଇ ଗଲି ତୋ ଛୁଆଁରେ
ଏଠି ତ କୁମ୍ଭୀର ନିଲାମରେ ନେଉଛି ଯମୁନା କୁଳ
ଏଠି ତ ପଥର ସନ୍ଧିରେ ଅନ୍ଧାର ଭୋଗୁଛି କାଳଖଣ୍ଡ
ଏଠି ତ ପେଟେ ରଙ୍ଗ ପିଇଦେଇ ପିଚକାରୀ କହୁଛି
ଗୋଟେ ଭୋକିଲା ପୃଥିବୀର ଦେହକୁ ଅଇଁଠା କରି ଥୁ କରି ଥୁକିଦେବ ।

*–ରୋୟାଲ୍ ଲାଗୁନ, ଭୁବନେଶ୍ୱର*
*ମୋ: ୮୨୪୯୩୪୨୩୪୬*

## ରଙ୍ଗ

– ବିଶ୍ୱଭାରତୀ ଦାଶ

ଅଫିସରୁ ଫେରି ସୁନୟନା ବହୁତ ସମୟ ଧରି ବାଥରୁମ ଭିତରେ ପଶିଛି ଯେ, ବାହାରିବାର ନାଁ ନେଉନି । ସୁଶାନ୍ତ ବୁଝି ପାରୁନଥାଏ, କ'ଣ ହୋଇଛି ତା'ର! ଅଦ୍ଭୁତ ଭୟ ଗୋଟାଏ ଛାତିକୁ ଥରେଇ ଦେଲା ସୁଶାନ୍ତର ।

ବାଥରୁମର କବାଟ ଧଡ୍ ଧଡ୍ କଲା ସୁଶାନ୍ତ । ସେପଟରୁ ଉତ୍ତର ଫେରାଇଲା ସୁନୟନା 'କ'ଣ ହେଲା ? ଶାନ୍ତିରେ ଟିକେ ଗାଧୋଇବାକୁ ବି ଦେବନି ନା କ'ଣ ଯେ ! ନିଜେ ତ ରଙ୍ଗ ଖେଳିଲନି ହୋଲିରେ, ସାଙ୍ଗମାନଙ୍କୁ ବି ମନା କଲ ଆସିବାକୁ ! ଆଜି ପରା ଆମ ଅଫିସରେ ରଙ୍ଗ ଖେଳ ହୋଇଛି, ମୁଣ୍ଡରେ ଦେହରେ କେତେ ରଙ୍ଗ ବୋଳିଛନ୍ତି ! ଟିକେ ସଫା କରିବାକୁ ତ ଦିଅ !' ତା' ଛାତି ଭିତରେ ନିଆଁ ଝୁଲଟେ ପଡ଼ିଗଲା ଯେମିତି ! ଶିରା–ପ୍ରଶିରାରେ ଗରମ ରକ୍ତ ପ୍ରବାହିତ ହେଲା ଭଳି ଲାଗିଲା । ଝାପ୍‌ସା ଦୃଶ୍ୟ ସବୁ ଭାସି ଉଠିଲା । ତା' ଆଖି ଆଗରେ ଝଲସି ଉଠୁଥିଲା ସ୍ୱପ୍ନାର ଛଳଛଳ ଆଖି । ସେଦିନଠାରୁ ବଦଳିଯାଇଛି ତା'ର ସବୁ କିଛି ! କାହିଁକି ଆଜି ସେ ଚାଲି ଆସିଛି ଗାଁ ଘର, ଜମିଦାରୀ ପରିବାର ଓ ଆତ୍ମୀୟ ସ୍ୱଜନଙ୍କୁ ଛାଡ଼ି, ସହରକୁ ଚାକିରୀ କରିବାକୁ ! କେମିତି କହିବ ସୁନୟନାକୁ ଦିନେ ଯାହାକୁ ନେଇ ଏତେ ସ୍ୱପ୍ନ ଦେଖିଥିଲା, ସୁଖର ସଂସାରଟିଏ କରିବ, ତା' ସ୍ୱପ୍ନ ସେଦିନ ରଙ୍ଗହୀନ ହୋଇଯାଇଥିଲା ଏଇ ରଙ୍ଗ ଖେଳ ପାଇଁ ! ଯଦି ସେଦିନ ସେ ନିଜେ ବି ଭାଙ୍ଗ ପିଇ ନଥାନ୍ତା, ହୁଏତ ସ୍ୱପ୍ନାକୁ ବଞ୍ଚାଇ ପାରିଥାନ୍ତା ତା' ସାଙ୍ଗମାନଙ୍କ ଶୀକାରି ପଞ୍ଝାରୁ । ଅନାଥାଶ୍ରମର ଝିଅଟେ ବୋଲି, ସମସ୍ତେ ଚୁପ୍ ଥିଲେ । ସେ ହୋସରେ ଆସିଲା ବେଳକୁ ଦେଖିଥିଲା ରକ୍ତ ରଙ୍ଗରେ ସ୍ୱପ୍ନାକୁ । ଡାକ୍ତରଖାନାରେ ଦେଢ଼ମାସ ଶାରିରୀକ ଓ ମାନସିକ ସ୍ତରରେ ଖୁବ୍ ସନ୍ଥୁଳି ହୋଇ ସ୍ୱପ୍ନା ଆଖି ବୁଜିଥିଲା । ସୁଶାନ୍ତର ପ୍ରାର୍ଥନା, ପ୍ରତିଶ୍ରୁତି କିଛି କାମରେ ଆସିଲାନି । ସବୁ ସ୍ୱପ୍ନ ଅନ୍ଧାରର ଗାଢ଼ ରଙ୍ଗରେ ହଜିଗଲା । ସୁନ୍ଦର ଦୁଇଟି ପ୍ରାଣରେ ସେଦିନ ଶେଷ ରଙ୍ଗ ମାଖି ହୋଇଥିଲା – ବେଦନାର । ସୁନୟନା ଏ ଭିତରେ ଫ୍ରେସ୍ ହୋଇ ଚା' ପିଇବାକୁ ବସିଲା ବେଳକୁ , ଝାଳରେ ଜଡ଼ସଡ଼ ବୁଡ଼ିଥିବା ସୁଶାନ୍ତକୁ ଦେଖି ଡରିଗଲା । ତାଙ୍କୁ ପ୍ରକୃତିସ୍ଥ କରାଇ ପଚାରିଲା 'କ'ଣ ହେଲା ? ଏମିତି ତ କେବେ ହୋଇନି ତୁମର ? ଦେହ ଭଲ ଲାଗୁନି କି ? ସୁଶାନ୍ତ ନାହିଁ ନାହିଁ ଭିତରେ କହି ପକେଇଲା ସ୍ୱପ୍ନାକୁ ନେଇ ତା'ର ସେହି ବେରଙ୍ଗ ଅତୀତକୁ । ସବୁବେଳେ ଚୁପ୍ ରହୁଥିବା ସୁଶାନ୍ତର ଆଖିର ଲୁହ ସୁନୟନାର ଆଖିରୁ ଦୁଇଟୋପା ହୋଇ ଝରିପଡିଲା । କହିଲା , ତୁମେ ଦେଇଥିବା ସିନ୍ଦୁରର ନାଲିରଙ୍ଗ ମୋ ପାଇଁ ସବୁଠୁ ମହତ୍ତ୍ୱପୂର୍ଣ୍ଣ । ମୋତେ ଆଜିଠୁ ସ୍ୱପ୍ନା ଡାକିଲେ ଖୁସି ହେବି । ଏଣିକି ସବୁ ଶୁଭକାର୍ଯ୍ୟ ଆମର ଅନାଥାଶ୍ରମରେ ହେବ । ସ୍ୱପ୍ନା ସହ ଦେଖିଥିବା ସ୍ୱପ୍ନକୁ ଆମେ ଦୁହେଁ ପୂରଣ କରିବା । ସୁଶାନ୍ତ ଚାହିଁ ରହିଥିଲା ସୁନୟନାର ସୁନ୍ଦର ସ୍ୱପ୍ନଭର୍ତ୍ତି ଆଖି ଦୁଇଟିକୁ, ଯେଉଁଥିରେ ପ୍ରେମର ରଙ୍ଗ ମାଖି ହୋଇଥିଲା ।

*–ସି.ଭି ରମଣ ନଗର, ବାଙ୍ଗାଲୁର*
*ମୋ: ୯୩୪୧୩୭୪୨୭୫*

## ହୋଲି

–ପ୍ରଭାତୀ ମଞ୍ଜରୀ ବେହେରା

ଦୁଇ ଅକ୍ଷରରେ ଲେଖା ସେ ପରବ
ପସରା ଧରି ରଙ୍ଗର
ଆସିଥାଏ ସଦା ଏ ଧରାଧାମେ
ବାରତା ଦିଏ ପ୍ରେମର ।।
ହୋଲି ତା' ପାଇଁ
ସବୁ ଦୁଃଖ ଯିବା ଭୁଲି ।।

*–ଭଞ୍ଜନଗର, ଗଞ୍ଜାମ*
*ମୋ: ୮୭୫୮୧୪୮୯୩୯*

## ବିଶ୍ୱ ଆଜି ରଂଗମୟ


–ଡା. ସରୋଜିନୀ ଷଡଙ୍ଗୀ

ଧରିତ୍ରୀ ଦେହରେ କିଏ
ବୋଳିଦେଲା ଏତେ ରଙ୍ଗ
ଏ ସୃଷ୍ଟିର ସମସ୍ତ ଲାବଣ୍ୟ
ସବୁଜ ଘାସ ଶେଯରେ
କିଏ ଭରିଦେଲା ସତେ
ସବୁତକ ଅଖଣ୍ଡ ମାଧୁର୍ଯ୍ୟ ।

ପଲକ ନୁଆଁଇ ଦେଲେ
ଆଖି ଆଗେ ଭାସିଯାଏ
ହୋଲିର ଅପୂର୍ବ ରାସ !
ମାଟିରୁ ଆକାଶ ଯାଏଁ
ରଂଗମୟ ସବୁ ରଗଂମୟ !
ଫଗୁଣର ଫଗୁ ଖେଳ
ନାଲି, ନେଳି, ହଳଦି ଓ
ସବୁଜ ଅବିର ବୋଳି
ବିଶ୍ୱ ଆଜି ଦିଶେ ସତେ
କେତେ ମଧୁମୟ !

*– ଲିଙ୍କ ରୋଡ୍, କଟକ–୧୨*
*ମୋ: ୯୪୩୭୦୫୫୧୦୭*





ଅନୁପମ ଖେର

## ମନେ ରହିବ ଚଟକଣା

**ଅ**ଭିନୟ କ୍ଷେତ୍ରରେ ଅନୁପମ ଖେରଙ୍କର କେତେ ଦକ୍ଷତା ଅଛି ତାହା କହିବା ବାହୁଲ୍ୟ ମାତ୍ର। ନିକଟରେ ସେ ନିଜର ୬୭ତମ ଜନ୍ମଦିନ ପାଳନ କରିଛନ୍ତି। ଏକଦା ସେ ଘରୁ ୧୧୮ ଟଙ୍କା ଚୋରି କରିଥିଲେ। ଯେତେବେଳେ ଏକଥା ତାଙ୍କର ମା' ଜାଣିପାରିଲେ ତାଙ୍କୁ ଏକ ଚଟକଣା ମାରିଥିଲେ। ଏ ନେଇ ଅନୁପମ କହନ୍ତି, 'ମୁଁ ପଢ଼ିବା ସମୟରେ ଚଣ୍ଡିଗଡସ୍ଥିତ ପଞ୍ଜାବ ୟୁନିଭର୍ସିଟିର ଭାରତୀୟ ଥିଏଟର ବିଭାଗ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଅଡିସନ ଆୟୋଜନ କରିଥିଲା। ସେଥିରେ ନିଜ ନାମକୁ ତାଲିକାଭୁକ୍ତ କରିବାକୁ ଟଙ୍କା ଦରକାର। ହେଲେ ସେକଥା ଘରେ କାହାକୁ ନ କହି ମୁଁ ୧୧୮ ଟଙ୍କା ଲୁଚାଇ ଆଣିଥିଲି। ପରେ ମା' ସେକଥା ଜାଣିଯାଇଥିଲେ। ଆଉ ମୁଁ ମୋ ଭୁଲ ସ୍ୱୀକାର କରିଥିଲି। ହେଲେ ସେ ମତେ ଯେଉଁ ଚଟକଣା ମୋତେ ମାରିଥିଲେ ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ।'



ଦେବଜାନୀ

## ଉଦଣ୍ଡୀ ସୀତା

'ଉଦଣ୍ଡୀ ସୀତା' ଟାଇଟଲକୁ ନେଇ ନିର୍ମିତ ହେଉଛି ଆଉ ଏକ ଓଡ଼ିଆ ସିନେମା। ଏହାର କାହାଣୀ, ଚିତ୍ରନାଟ୍ୟ ରଚନା, ପ୍ରଯୋଜନା ସହ ନିର୍ଦ୍ଦେଶକ ସାଜିଛନ୍ତି ଅଶ୍ୱିନୀ ତ୍ରିପାଠୀ। ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଏ ସମ୍ପର୍କରେ ସେ କହନ୍ତି, ' ଏକ କରେଣ୍ଟ ଇସ୍ୟୁକୁ ନେଇ କାହାଣୀ ରଚନା କରାଯାଇଛି। ବିଶେଷଭାବରେ ଚାଷୀ ସମସ୍ୟାକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି।' ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦେବଜାନୀ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ। ପୂର୍ବରୁ 'ଉଦଣ୍ଡୀ ସୀତା'ର 'ସୀତାଲୋ ଆଜି ଜଳୁଛି ଯାହାର ଚିତାଲୋ' ଟ୍ୟାଗ୍ ଲାଇନ୍‌କୁ ନେଇ ଏହି ଫିଲ୍ମରେ ଏକ ଗୀତ କମ୍ପୋଜିଙ୍ଗ କରାଯାଇଛି। ଏଥିରେ ଦେବଜାନୀଙ୍କ ବ୍ୟତୀତ ସମରେଶ, ଇଲୁ ବାନାର୍ଜୀ, ଶକ୍ତି ବରାଳ ଅଭିନୟ କରିଛନ୍ତି।



## ଭୁଲି ଯାଆନ୍ତି ୟାମି

**ୟା**ମି ଯେତେବେଳେ ବାହାରକୁ ଯାଆନ୍ତି ଗୋଟିଏ କଥାକୁ ଆଦୌ ଭୁଲି ନ ଥାନ୍ତି। ଯଦି ବା କେବେ ମନେ ନଥାଏ, ତେବେ ମାର୍କେଟରୁ କିଣି ନେବାକୁ ପଛାଇ ନ ଥାନ୍ତି। ହେଲେ ସେ ଜିନିଷଟି କ'ଣ ଜାଣିବେନି? ଚା' ପ୍ୟାକେଟ୍। ୟାମି ଗୌତମ ବାହାରକୁ କିମ୍ବା ଶୁଟିଂ ଶେଟ୍‌କୁ ଗଲେ ସାଙ୍ଗରେ ଚା' ପ୍ୟାକେଟ ନେଇଯାଆନ୍ତି। ବୋରିଂ ଲାଗିଲେ ତାଙ୍କୁ ଲୋଡା କେବଳ କପେ ଚା'। ଏ ନେଇ ୟାମି କହନ୍ତି, 'ମୋ ଭ୍ୟାନିଟିରେ ସବୁବେଳେ ୩-୪ ପ୍ୟାକେଟ ଚା' ଥାଏ। ପୁଣି ଚା' ପ୍ରସ୍ତୁତ କରିବାକୁ ସରଞ୍ଜାମ ସାଙ୍ଗରେ ନେବାକୁ ଭୁଲି ନ ଥାଏ। ପାଠ ପଢ଼ିବା ସମୟରେ ମୋର ଇଚ୍ଛା ଥିଲା ଆଇଏଏସ ଅଫିସର ହେବାକୁ। ହେଲେ ତାହା ପୂରଣ ହୋଇପାରିଲା ନାହିଁ। ଅନ୍ୟପକ୍ଷରେ ଓକିଲ ହେବାକୁ ମଧ୍ୟ ଚାହିଁଥିଲି, ସେକଥା ମଧ୍ୟ ସ୍ୱପ୍ନରେ ରହିଗଲା। ହେଲେ ବଡ ପରଦାରେ ଥରେ ମୋତେ ଓକିଲ ସାଜିବାର ସୁଯୋଗ ମିଳିଥିଲା। ଫିଲ୍ମଟି ହେଲା 'ବତୀ ଗୁଲ୍ ମିଟର ଚାଲୁ'।' ୟାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ। ଅର୍ଥାତ୍ 'ଚାନ୍ଦ କି ପାର୍ ଚଲୋ' ଧାରାବାହିକର ସେ ପ୍ରଥମେ ଅଭିନୟ କରିଥିଲେ। କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଏହାବ୍ୟତୀତ ସେ ତାମିଲ, ତେଲୁଗୁ, ମାଲାୟାଲାମ, ପଞ୍ଜାବୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି।



## ନାହିଁ ନାହିଁରେ ଜାହ୍ନବୀ

**ଜା**ହ୍ନବୀ କପୁରଙ୍କ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ସେ କୁଆଡେ ଜଣେ ବିଦେଶୀ ବିଜନେସମ୍ୟାନ୍‌ଙ୍କ ପ୍ରେମରେ ପଡିଯାଇଛନ୍ତି। ହେଲେ ଏପରି କଥାକୁ ମାନିବାକୁ ସେ ନାରାଜ। କେହି ତାଙ୍କୁ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛନ୍ତି। ଏ ସମ୍ପର୍କରେ ସଫେଇ ଦେଇ ଜାହ୍ନବୀ କହନ୍ତି, 'ବର୍ତ୍ତମାନ ମୋ ପାଖରେ ପ୍ରେମ କରିବାକୁ ସମୟ ନାହିଁ। କାରଣ ବଲିଉଡ୍‌ରେ ନିଜ କ୍ୟାରିୟରକୁ ନେଇ ମୁଁ ବେଶ୍ ସତର୍କତାର ସହ ଚାଲୁଛି। ମୋ ନାମକୁ ଅନ୍ୟ ସହ ଯୋଡି କେହି ଏଭଳି ମିଛ ପ୍ରଚାର କରୁଛି। ଏସବୁ ପଛରେ ଟିକିଏ ହେଲେ ସତ୍ୟତା ନାହିଁ। ତେଣିକି ଯିଏ ସେପରି କଥାକୁ ସତ ଭାବିଲେ ମୋର ସେ ନେଇ କିଛି କହିବାର ନାହିଁ।' ଜାହ୍ନବୀଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା 'ଧଡକ'ରୁ। ତା'ପରେ ସେ 'ଘୋଷ୍ଟ ଷ୍ଟୋରିଜ', 'ଗୁଞ୍ଜନ ସକ୍‌ସେନା', 'ଦୋସ୍ତାନା-୨' ଏବଂ 'ରୁହି' ଆଦି ସିନେମାରେ ଅଭିନୟ କରିସାରିଛନ୍ତି। ସେ ଅଭିନୟ କରିଥିବା 'ତଖ୍ତ' ଏବଂ 'ମିଷ୍ଟର ଆଣ୍ଡ ମିସ୍ଟ୍ରେସ ମାହି' ରିଲିଜ ଅପେକ୍ଷାରେ ରହିଛି।



ସୋନାକ୍ଷୀ

## ଅନୁତାପ କରୁଛନ୍ତି ସୋନାକ୍ଷୀ

**କ**ଥାରେ ଅଛି ବୋହି ଗଲା ପାଣି ଆଉ ଧନୁରୁ ତୀର ଖସିଲା ପରେ ତାହା ଆଉ ଫେରି ଆସେନା। ଦେଖୁନାହାନ୍ତି, ଯେତେବେଳେ ତାଙ୍କୁ ଏହି ଅଫର ମିଳିଲା ସେଥିରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଲେ। କଥା କ'ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କର ସିନେମାରେ ଅଭିନୟ କରିବାକୁ ସୋନାକ୍ଷୀଙ୍କୁ ଅଫର ଦେଇଥିଲେ। ଏ ନେଇ ସୋନାକ୍ଷୀ କହନ୍ତି, 'ଏହି ଅଫରଟି ମିଳିବା ସମୟରେ ମୁଁ ସେଥିରେ ଆକ୍ଟିଂ କରିବି ନାହିଁ ବୋଲି ମନା କରିଦେଇଥିଲି। ହେଲେ ପରେ ପ୍ରଯୋଜନା ସଂସ୍ଥାକୁ ଯେତେବେଳେ ମୁଁ ମୋ ନିଷ୍ପତ୍ତି ପରିବର୍ତ୍ତନ କରିଛି ଜଣାଇଲି ସେତବେଳକୁ ସବୁକିଛି ଶେଷ ହୋଇଯାଇଥିଲା। ମୁଁ ଅଫରଟିକୁ ହାତଛଡା କରିବା ପରେ ସେମାନେ ଦିଶା ପଟାନିଙ୍କୁ ସାଇନ୍ କରାଇସାରିଥିଲେ। ସେଭଳି ଅଫର ହାତଛଡା କରିଥିବାରୁ ଏବେ କେବଳ ଅନୁତାପ ହିଁ କରୁଛି।'



କିଆରା

## ସ୍କୁଲ କଥା ମନେ ପଡୁଛି

**କି**ଆରା ଆଡୱାନୀଙ୍କର ଏବେ ସ୍କୁଲ କଥା ମନେ ପଡୁଛି। ବମ୍ବେସ୍ଥିତ ଅରଲି ବାର୍ଡସ ପ୍ଲେ ସ୍କୁଲରେ ସେ ଜଣେ ଶିକ୍ଷୟିତ୍ରୀ ଭାବରେ କାମ କରୁଥିଲେ। ପୁଣି ଏପରି ସଂଯୋଗ ଯେ ସେହି ସ୍କୁଲରେ ତାଙ୍କର ମା' ପ୍ରଧାନ ଶିକ୍ଷୟିତ୍ରୀ ଥିଲେ। ଏ ନେଇ କିଆରା କହନ୍ତି, 'ସତରେ ସେହି ସମୟ କଥା ମନେ ପଡିଲେ ଭାରି ଦୁଃଖ ଲାଗୁଛି। ଛୋଟ ପିଲାଙ୍କୁ ପାଠ ପଢ଼ାଇବା ତ ଅଲଗା କଥା, ସେମାନଙ୍କ ସହ ହସଖୁସି କରିବାର ମଜା ସତରେ ନିଆରା। ଯେତେବେଳେ ମୁଁ ଏକ ପ୍ଲେ ସ୍କୁଲରେ ଟିଚର ଥିଲି ସେତେବେଳେ ପାଠ ପଢ଼ାଇବା ସହ ଛୋଟ ପିଲାଙ୍କ ସହ ଢ଼େର ମଜା କରିଛି। ସେହି ସ୍ମୃତିଗୁଡିକ ଏବେ ମଧ୍ୟ ମୋ ମନରେ ସତେଜ ହୋଇ ରହିଛି। ହେଲେ ଟିଚରସିପ୍ ମୋ ପାଇଁ ସେତେବେଳେ ପାର୍ଟ ଟାଇମ ଥିଲା। ଅଭିନୟ ଦୁନିଆକୁ ଆସିବା ପରେ ମୁଁ ସେଠାରୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ଯାଇଛି।' ମାସ୍ କମ୍ୟୁନିକେଶନରେ କିଆରା ଡିଗ୍ରୀ ହାସଲ କରିଛନ୍ତି।

## ପ୍ରଥମ ରୋଜଗାର



ପ୍ରାଧ୍ୟାପକ, ଗାଳ୍ପିକ, କବି **ଶୁଭେନ୍ଦୁ ମହାନ୍ତି** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ପ୍ରଥମ ଦରମାରେ ମା'ଙ୍କୁ ଶାଢ଼ି ଓ ବାପାଙ୍କୁ ପ୍ୟାଣ୍ଟ ଦେଇଥିଲି

**ଜ**ଗତ୍‌ସିଂହପୁରରେ ଗାଁ ହୋଇଥିଲେ ହେଁ ବାପା ଯେହେତୁ ଢେଙ୍କାନାଳରେ ଚାକିରି କରୁଥିଲେ ତେଣୁ ମୋ ଜନ୍ମ ସେଇଠାରେ ହିଁ ହୋଇଥିଲା। ବାପା ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ହୋଇଥିବାରୁ ତାଙ୍କର ବିଭିନ୍ନ ସ୍ଥାନକୁ ବଦଳି ହେଉଥିଲା, ତେଣୁ ମୋର ପାଠପଢା ମଧ୍ୟ ବିଭିନ୍ନ ସ୍ଥାନରେ ହେଲା। ତେବେ ଏ.ଜେ.ଓ ଉଚ୍ଚ ବିଦ୍ୟାଳୟ, ଫୁଲବାଣୀରୁ ୧୯୮୦ରେ ମାଟ୍ରିକ୍ ପାସ୍ କରିବା ପରେ ବି.ଜେ.ବି. କଲେଜରେ ଆଇ.ଏସ୍‌ସି ପଢିଥିଲି। ତା'ପରେ ଆଉ ବିଜ୍ଞାନ ନ ପଢି କଳା କ୍ଷେତ୍ରରେ ଶିକ୍ଷା ଗ୍ରହଣ କରିବାକୁ ଇଚ୍ଛା କରି ଡି.ଏ.ଭି. କଲେଜ, କୋରାପୁଟରେ ଅର୍ଥନୀତି ସମ୍ମାନରେ ବି.ଏ ପଢିଲି। ବି.ଏ ପାସ୍ କରିବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଶ୍ଳେଷଣାତ୍ମକ ଓ ପ୍ରୟୋଗାତ୍ମକ ଅର୍ଥନୀତିରେ ପି.ଜି କଲି। ପି.ଜି ରେଜଲ୍ଟ ବାହାରିବା ପରେ ଡି.ଏ.ଭି. କଲେଜ, କୋରାପୁଟରେ ଅତିଥି ଅଧ୍ୟାପକ ଭାବେ ଚାକିରି କରିବାକୁ ଲାଗିଲି ; ଯେଉଁଠାରେ ମୋତେ ମାସକୁ ହଜାରେ ଟଙ୍କା ଦରମା ମିଳିଲା। ପ୍ରଥମ ମାସ ଦରମାରେ ଖୁସିରେ ମା'ଙ୍କ ପାଇଁ ଏକ ନାଲି ଶାଢ଼ି ଆଉ ବାପାଙ୍କ ପାଇଁ ଏକ ଧଳା ପ୍ୟାଣ୍ଟ କିଣିଥିଲି। କାରଣ ନାଲି ରଙ୍ଗ ମା'ଙ୍କର ଆଉ ଧଳା ରଙ୍ଗ ବାପାଙ୍କର ପ୍ରିୟ ଥିଲା। ମାତ୍ର ୬ ମାସ ଏଠାରେ ଅଧ୍ୟାପନା କରିବା ପରେ ଆଇଏଏସ୍ କୋଚିଂ ପାଇଁ ଦିଲ୍ଲୀ ଚାଲିଗଲି। କିନ୍ତୁ ଦୁର୍ଭାଗ୍ୟ ଦୁଇ ଦୁଇ ଥର ପରୀକ୍ଷା ଦେଇ ଅକୃତକାର୍ଯ୍ୟ ହେବା ପରେ ପୁଣି ଓଡ଼ିଶା ଫେରିଆସି ୧୨ ସେପ୍ଟେମ୍ବର, ୧୯୯୧ରେ ନବରଙ୍ଗପୁର କଲେଜରେ ଅର୍ଥନୀତି ଅଧ୍ୟାପକ ଭାବେ ପୁଣି ଚାକିରି ଜୀବନ ଆରମ୍ଭ କଲି। ଉକ୍ତ କଲେଜରେ ପ୍ରାୟ ୧୨ ବର୍ଷ ଅଧ୍ୟାପନା କରିବା ପରେ ସରକାରୀ ସ୍କେଲ୍‌ରେ ପୂର୍ଣ୍ଣ ଦରମା ପାଇଲି। ୨୦୧୫ରେ ପି.ଏନ୍. ଅଟୋନୋମସ୍ କଲେଜ, ଖୋର୍ଦ୍ଧାକୁ ମୋର ବଦଳି ହେଲା ; ଯେଉଁଠାରେ ୩ ବର୍ଷ ଅଧ୍ୟାପନା କରିବା ପରେ ମୋତେ ପ୍ରାଧ୍ୟାପକ ଭାବେ ପ୍ରମୋଶନ ମିଳିଲା। ଅଧୁନା ମୁଁ ସେହି ପି.ଏନ୍. କଲେଜରେ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ। ଅଧ୍ୟାପନା ବ୍ୟତିତ ଗପ ଓ କବିତା ଲେଖିବାରେ ମୋର ଖୁବ୍ ରୁଚି ରହିଛି। ୟା'ଭିତରେ ମୋର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର କବିତା ଏବଂ ୧୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଗଳ୍ପ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶିତ ହୋଇସାରିଲାଣି। ଇଂଲିଶ ଭାଷାରେ ବି ଅନେକ କବିତା ଲେଖିଛି। ଏଥିସହିତ ନବରଙ୍ଗପୁର କଲେଜ ହେଉ ଅବା ପି.ଏନ୍. କଲେଜର ମୁଖପତ୍ରର ସମ୍ପାଦକ ଦାୟିତ୍ୱ ତୁଲାଇବାର ସ୍ୱଭାଗ୍ୟ ମଧ୍ୟ ମୁଁ ଲଭିସାରିଛି। ସେହିପରି ନବରଙ୍ଗପୁର ହେଉ ଅବା ଖୋର୍ଦ୍ଧାର ବିଭିନ୍ନ ଉତ୍ସବରେ ଆୟୋଜିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରି ଦର୍ଶକଙ୍କର ବହୁ ପ୍ରଶଂସା ମଧ୍ୟ ପାଇଛି। ଏହାଛଡ଼ା କଲେଜ ଛାତ୍ର ସଂସଦର ଉପଦେଷ୍ଟା ଭାବେ ଦାୟିତ୍ୱ ତୁଲାଇବାର ଭିନ୍ନ ଅନୁଭୂତି ବି ମୁଁ ଲଭିଛି। କେବଳ ସେତିକି ନୁହେଁ, 'କୁଇଜ୍ ମାଷ୍ଟର' ଭାବେ ମୋର ଆଉ ଏକ ପରିଚୟ ବି ରହିଛି। ୟା'ଭିତରେ ବିଭିନ୍ନ ସ୍କୁଲ୍, କଲେଜ ତଥା ଅନୁଷ୍ଠାନ ତରଫରୁ ଆୟୋଜିତ ହୋଇଥିବା ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଦଳଗତ କୁଇଜ୍ ଏବଂ ଖୋଲା ପ୍ରଶ୍ନମଞ୍ଚରେ କୁଇଜ୍ ମାଷ୍ଟର ଭାବେ ଦାୟିତ୍ୱ ତୁଲାଇ ଅନେକ ପ୍ରଶଂସା ସାଉଁଟିଛି। ଏସବୁବ୍ୟତିତ ୨୦୧୮-୧୯ରେ ରୋଟାରି କ୍ଲବ୍ ଅଫ୍ ଭୁବନେଶ୍ୱର ଏକ୍ସଲେନ୍ସର ସଭାପତି ଦାୟିତ୍ୱରେ ଥିଲି ଆଉ ଆଗକୁ ୨୦୨୨-୨୩ ପାଇଁ ସହକାରୀ ଗଭର୍ନରର ଦାୟିତ୍ୱ ଗ୍ରହଣ କରିବାର ଯୋଜନା ରହିଛି। ଜୀବନର ଚଲାପଥରେ ଅନେକ ଘାତ ପ୍ରତିଘାତକୁ ଶୃଙ୍ଖଳିତ ସୈନିକ ଭାବେ ମୁକାବିଲା କରି ମା'ବାପା ଓ ଗୁରୁଜନଙ୍କ ଆଶୀର୍ବାଦ ତଥା ସମସ୍ତଙ୍କ ଭଲପାଇବା ଏବଂ ଶୁଭେଚ୍ଛାକୁ ପୁଞ୍ଜିକରି ମୋ କର୍ତ୍ତବ୍ୟ ପଥରେ ଆଗେଇ ଚାଲିଛି। ସଂଘର୍ଷକୁ ପସନ୍ଦ କରିଛି  ଆଉ ସାଲିସ୍‌କୁ ଘୃଣା କରିଛି। କାରଣ ମୋ ମତରେ ଜୀବନଧାରଣର ମାଧ୍ୟମ ସଂଘର୍ଷ, ସାଲିସ୍ ନୁହେଁ।

*-ଅନ୍ୱିତା*

# ସପନ ଅଧାକୁ ଇସାରା ଅଧା, କେବେ ଆସିବ ମୋ ମନର ରାଧା

**ପ୍ରଶ୍ନ**-ଜଣେ ସୁନ୍ଦରୀ ମୋତେ ଆଖିରେ ଇସାରା ଦେଉଛି। ଏବେ ସେ ସବୁବେଳେ ମୋ ସ୍ୱପ୍ନରେ ଆସୁଛି। ହେଲେ ସେହି ଇସାରାରେ ପ୍ରେମ ଅଛି କି ପ୍ରତାରଣା କେମିତି ଜାଣିବି ?

*-ଅଦ୍ୱୈତ ରାଉତ, ବଲାଙ୍ଗୀର*

**ଉତ୍ତର:** କଥାରେ ପରା ଅଛି-ସମଝଦାର୍ ଆଦମୀକୋ ଇସାରା କାଫି ହେ। ସେହି ଇସାରାକୁ କେବଳ ମଗଜ ଖଟାଇ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ଅବଶ୍ୟ ସବୁ ଇସାରାରେ ଯେ ପ୍ରେମ ଅଛି ତାହାର କିଛି ଗ୍ୟାରେଣ୍ଟି ନାହିଁ। ହେଲେ ଯିଏ ଆପଣଙ୍କୁ ଆଖିରେ ଇସାରା ଦେଉଛି ସେ ସ୍ୱପ୍ନରେ ଆସୁଛି। 'ସପନ ଅଧାକୁ ଇସାରା ଅଧା, କେବେ ଆସିବ ମୋ ମନର ରାଧା'। ତରବର ନ ହୋଇ 'ଧୀର ପାଣି ପଥର କାଟେ' ପଦ୍ଧତିରେ ଆଗାନ୍ତୁ। ଯଦି ସେହି ଇସାରାରେ ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ମନର କଥା ସେହି ସୁନ୍ଦରୀକୁ କହି ଦିଅନ୍ତୁ। ଯଦି ବହି ଫିଟ୍ ହୋଇଗଲା, ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କ ପ୍ରେମ ମିଶନ ସକ୍‌ସେସ୍‌ଫୁଲ ହୋଇଛି।

**ପ୍ରଶ୍ନ**-ପ୍ରକୃତରେ ପ୍ରେମ କିପରି ଆରମ୍ଭ ହୁଏ ତାହା କହିବେ କି ସାଥୀ ?

*-ଅମନ, ରାଉରକେଲା*

**ଉତ୍ତର:** ପ୍ରେମର ଆରମ୍ଭ ବିଷୟରେ ତର୍ଜମା କଲେ ତାହା କ'ଣ ସହଜରେ ଶେଷ ହେବ। କଥାଟି ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିବ। ପ୍ରେମ କରିବା ପୂର୍ବରୁ ପ୍ରଥମେ ନିଜ ମନକୁ ପରିଷ୍କାର ରଖନ୍ତୁ। ଯାହାକୁ ମନ ତାକୁ ପ୍ରପୋଜ କଲେ ଯେ ଆପଣଙ୍କର ମନସ୍କାମନା ପୂରଣ ହେବ ତାହା ଭାବିବା ଠିକ୍ ନୁହେଁ। ଏପରି ମନ ସହ ମନ ଫିଟ୍ କରନ୍ତୁ, ଯେମିତି ତାହା ଲାଇଫ୍ ଲଙ୍ଗ୍ ଯୋଡି ହୋଇ ରହିବ।

**ପ୍ରଶ୍ନ**-ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲି ସେ ମୋତେ ଭୁଲ ବୁଝିଲା। ପୁଣି ଅଧା ବାଟରେ ହାତ ଛାଡି ଚାଲିଗଲା। କ'ଣ କରିବି ?

*-ତାପସ କୁମାର, ଢେଙ୍କାନାଳ*

**ଉତ୍ତର:** ଯାହା ଉପରେ ଶତ ପ୍ରତିଶତ ଭରସା ରଖି ଆପଣ ପ୍ରେମର ନାଆକୁ ଆଗେଇ ନେଉଥିଲେ ସେ ଅଧା ବାଟରେ ଆପଣଙ୍କ ହାତ ଛାଡି ଚାଲିଗଲା। ତେଣୁ ସେପରି ପ୍ରେମର ଦି ଏଣ୍ଡ୍ ହୋଇଯାଇଛି ବୋଲି ଧରିନିଅନ୍ତୁ। ପ୍ରେମରେ ଧୋକା ଖାଇବା ପରେ ମନ ଭିତରେ ନିଆଁ କୁହୁଳି କୁହୁଳି ଜଳୁଥାଏ। ଆଉ ତାହାର ପ୍ରଭାବରେ ସବୁ କିଛି  ପିତା ପିତା ଲାଗେ। ଯଦି ପୁଣି ଥରେ କାହାକୁ ମନର ମାନସୀ ଭାବରେ ଚଏସ୍ କରୁଛନ୍ତି ତେବେ ସେହି ସମୟରେ ହାତେ ମାପି ଚାଖଣ୍ଡେ ଚାଲନ୍ତୁ। ଏବେ ନୂଆ ପ୍ରେମକୁ ଆହୁରି ସରସ ସୁନ୍ଦର କରିବା ପାଇଁ ପୁରୁଣା ପ୍ରେମକୁ ସମ୍ପୂର୍ଣ୍ଣ ଭାବରେ ମନରୁ ପୋଛି ଦିଅନ୍ତୁ।

**ପ୍ରଶ୍ନ**-ମୋତେ ଯିଏ ପ୍ରେମ କରୁଛି, ସେ ମୋତେ ବ୍ଲାକମେଲିଂ କରିବା ଭଳି ଲାଗୁଛି। ଭାବୁଛି ତାକୁ ମନରୁ ଆଉଟ୍ କରିଦେବି। ହେଲେ ସାହସ ହେଉନି। ଏ ନେଇ ମୋତେ କିଛି ଉପାୟ ବତାଇବେ କି ସାଥୀ ?

*-ଅମିତାଭ, ସୁନାବେଡା*

**ଉତ୍ତର:** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି, ଆପଣ ପ୍ରେମ ଆକାଶରେ ତ୍ରିଶଙ୍କୁ ପରି ଝୁଲି ରହିଛନ୍ତି। ପ୍ରେମରେ ଯେତେବେଳେ ମନରେ ସନ୍ଦେହର ବାଦଲ ଭାସିବୁଲେ ସେତେବେଳେ ପାଣିପାଗ ବିଗିଡିବା ଆରମ୍ଭ କରେ। ଆରମ୍ଭରୁ ମିଠା ଲାଗୁଥିବା ପ୍ରେମର ସ୍ୱାଦ ଚାହୁଁ ଚାହୁଁ ପିତା ଲାଗେ। ପ୍ରେମ ହୋଇଯାଏ ରଙ୍ଗହୀନ, ସ୍ୱାଦହୀନ। ସେପରି ପ୍ରେମକୁ ଭରସା କରି ଆଗେଇଲେ ତାହା ମରିଚିକା ପଛରେ ଦଉଡିବା ଭଳି ହୋଇଥାଏ। ତେଣୁ ଯଦି ଜାଣୁଛନ୍ତି ଯେ, ସେହି ପ୍ରେମିକା ଆପଣଙ୍କୁ ବ୍ଲାକ୍‌ମେଲିଂ କରିବା ଆରମ୍ଭ କଲାଣି ତେବେ ତାହାର ଜଲଦି କିଛି ବ୍ୟବସ୍ଥା କରନ୍ତୁ। ନ ହେଲେ ନେଡି ଗୁଡ କହୁଣୀକୁ ବୋହି ଗଲେ କେବଳ ଅନୁତାପ କରିବା ହିଁ ସାର ହେବ।

ସାଥୀ








**ହୋଲି! ଦେହ, ମନକୁ ରଙ୍ଗରେ ଭିଜାଏ। ସ୍ନେହ ଓ ଭଲ ପାଇବା ବଢାଏ। ସେଥିପାଇଁ ତ ଏହାକୁ ଭାରତର ଏକ ମୁଖ୍ୟ ପର୍ବ ଭାବେ ଗଣନା କରାଯାଏ। ତେବେ ପୃଥିବୀର ବିଭିନ୍ନ ସ୍ଥାନରେ ବି ହୋଲି ପରି କିଛି ପର୍ବ ପାଳନ କରାଯାଇଥାଏ। ଯେଉଁଥିରେ ରଙ୍ଗ ସିନା ନ ଥାଏ, ହେଲେ ସେହି ସବୁ ଉତ୍ସବ ପାଳନର ଶୈଳୀ ଅନେକାଂଶରେ ହୋଲି ପରି ହୋଇଥାଏ। ଜାଣନ୍ତୁ ସେ ସମ୍ପର୍କରେ..**







# ହୋଲି ନୁହେଁ ହୋଲି ପରି

**ସଙ୍ଗକ୍ରାନ:** ଥାଇଲାଣ୍ଡରେ ନୂଆବର୍ଷକୁ ଭିନ୍ନ ଏକ ଢଙ୍ଗରେ ପାଳନ କରାଯାଇଥାଏ। ଏହଦିନ ଘରୁ ସମସ୍ତେ ବାହାରି ଆସି କିଏ ବାଲ୍ଟିରେ ତ କିଏ ମଗ୍‌ରେ ପୁଣି କିଏ ପିଚ୍‌କାରୀରେ ଥଣ୍ଡା ପାଣି ପରସ୍ପରକୁ ଫୋପାଡିଥାନ୍ତି। ରଙ୍ଗ ନ ଥିଲେ ହେଁ ପାଣିର ଏଇ ଖେଳକୁ ଦେଖିଲେ ମନକୁ ଆପଣାଛାଏଁ ରଙ୍ଗର ପର୍ବ ହୋଲି କଥା ମନେପଡିଯିବ।

**ବ୍ୟାଟଲ ଅଫ୍ ଅରେଞ୍ଜେସ୍:** କମଳା ଖାଇବାକୁ ପ୍ରାୟ ସମସ୍ତେ ଭଲ ପାଆନ୍ତି। ତେବେ ଇଟାଲୀରେ ଏଇ ସ୍ୱାଦିଷ୍ଟ କମଳାକୁ ପରସ୍ପରକୁ ଫୋପାଡି ଏକ ଉତ୍ସବ ପାଳନ କରିଥାନ୍ତି, ଯାହାକୁ 'ବ୍ୟାଟେଲ ଅଫ୍ ଅରେଞ୍ଜେସ୍' କୁହାଯାଏ। ଏହା ଇଟାଲୀର ସବୁଠାରୁ ବଡ଼ ଫୁଡ ଫାଇଟ୍ ।

**ଲା ଟମାଟିନା:** ସାରା ପୃଥିବୀରେ ଏହି ଉତ୍ସବଟି ବେଶ୍ ଲୋକପ୍ରିୟ। ସ୍ପେନ୍‌ରେ ପାଳିତ ହେଉଥିବା ଏହି ଉତ୍ସବ ମଧ୍ୟ ଏକ ଫୁଡ ଫାଇଟ୍ ଅଟେ। ଏଥିରେ ଲୋକେ ପରସ୍ପରକୁ ଲାଲ ରଙ୍ଗର ଟମାଟୋ ଫିଙ୍ଗିଥାନ୍ତି। ଆଉ ଲୋକମାନେ ଟମାଟୋର ଲାଲ ରଙ୍ଗରେ ଲାଲ ହୋଇଯାଆନ୍ତି।

**ଏଲ୍ସ ଏନ୍‌ଫାରିନାଟ୍‌ସ:** ଡିସେମ୍ବର ୨୮ ତାରିଖ, ସ୍ପେନର ଇବି ସହରରେ ପାଳିତ ହୁଏ ଏଲ୍ସ ଏନ୍‌ଫାରିନାଟ୍‌ସ ଉତ୍ସବ। ଏଥିରେ ସ୍ପେନବାସୀ ପରସ୍ପରକୁ ଅଟା ଓ ଅଣ୍ଡା ଫିଙ୍ଗନ୍ତି। ରଙ୍ଗହୀନ ହୋଇଥିଲେ ହେଁ, ଏହା ହୋଲି ଭଳି ହିଁ ପାଳନ କରାଯାଏ।

**ମଡ୍ ଫେଷ୍ଟିଭାଲ:** ସୁଇଜରଲାଣ୍ଡ, ପାଲିଓରେ ସବୁଠାରୁ ବଡ ଓପନ ଏୟାର ମ୍ୟୁଜିକ ଫେଷ୍ଟିଭାଲ ଆୟୋଜନ କରାଯାଇଥାଏ। ଏଥିରେ ଲୋକ ଯେ କେବଳ ସଙ୍ଗିତର ତାଳେ ତାଳେ ଝୁମନ୍ତି ତାହା ନୁହେଁ, ବରଂ ଆୟୋଜକଙ୍କ ତରଫରୁ ଏହିଦିନ ଏକ ବଡ ସ୍ଥାନରେ କାଦୁଅ ରଖାଯାଇଥାଏ। ତାରି ଭିତରେ ଲୋକେ ପରସ୍ପରକୁ କାଦୁଅ ବୋଳାବୋଳି ହେବା ସହ ସେଇ କାଦୁଅରେ ଲୋଟପୋଟ ହୋଇ ବହୁତ ମଜା କରନ୍ତି।

**ଲା ରାଇମା:** ଏହି ଉତ୍ସବ ପାଳନ ପାଇଁ ସ୍ପେନସ୍ଥ ଲା ପ୍ଲାଜା ଡେ ଲାରେ ଗହଳି ଜମା ହୁଏ। ସେଠାକୁ ପ୍ରାୟ ୬ଟି ଟ୍ରକରେ ଭର୍ତ୍ତି ହୋଇ ଆସେ ଅଙ୍ଗୁର, ଯାହାର ଓଜନ ପ୍ରାୟ ୯୦ ଟନ୍‌ରୁ ଉର୍ଦ୍ଧ୍ୱ ହୋଇଥାଏ। ଲୋକେ ଦୌଡି ଯାଆନ୍ତି ଟ୍ରକ ପାଖକୁ। ଆଉ ଯିଏ ଯେତେ ପାରନ୍ତି ଅଙ୍ଗୁର ଧରି ଲକ୍ଷ୍ୟ କରନ୍ତି କାହାକୁ ସେହି ଅଙ୍ଗୁର ଫୋପାଡିବେ। ଏଇ ଅଙ୍ଗୁର ଯୁଦ୍ଧ ସେ ପର୍ଯ୍ୟନ୍ତ ଚାଲେ ଯେ ପର୍ଯ୍ୟନ୍ତ ଶେଷ ଅଙ୍ଗୁର ନ ଫିଙ୍ଗା ଯାଇଛି।

**ଲା ବାଟଲା ଡେଲ ଭିନୋ:** ସ୍ପେନ୍‌ରେ ଯେ କେବଳ ଅଙ୍ଗୁର, ଅଟା ଫୋପଡା ଉତ୍ସବ ଅଛି ତାହା ନୁହେଁ। ବରଂ ଏଠାରେ ଆହୁରି ଏକ ଉତ୍ସବ ବି ପାଳନ କରାଯାଏ, ଯେଉଁଥିରେ ଲୋକେ ବାଲ୍ଟି ବାଲ୍ଟି ୱାଇନ୍ ଫୋପଡା ଫୋପଡି ହୁଅନ୍ତି। 'ଲା ବାଟଲା ଡେଲ ଭିନୋ' ନାମକ ଉକ୍ତ ଉତ୍ସବ ପ୍ରତିବର୍ଷ ସ୍ପେନ୍‌ର ହାରୋ ସହରରେ ପାଳିତ ହୁଏ। ସେଦିନ ସକାଳେ ସମସ୍ତେ ଧଳାରଙ୍ଗର ପୋଷାକ ପିନ୍ଧନ୍ତି। ପରେ ଘୋଡାରେ ବସି ଯାଉଥିବା ମେୟରଙ୍କ ପଛରେ ପ୍ୟାରେଡରେ ଯୋଗ ଦିଅନ୍ତି। ପ୍ୟାରେଡ ସରିବା ପରେ ଯାଇ ଆରମ୍ଭ ହୁଏ ୱାଇନ୍ ଫୋପଡା ଉତ୍ସବ।

**ୱାସର୍‌ସକ୍ଲାଚ୍:** ଗ୍ରୀଷ୍ମ ଋତୁର ଆଗମନକୁ ଜର୍ମାନ ବାସୀ ଭିନ୍ନ ଏକ ଢଙ୍ଗରେ ପାଳନ କରନ୍ତି। ଏଥିରେ ବର୍ଲିନ୍‌ର ଦୁଇଟି ଜିଲାର ଲୋକ ପରସ୍ପରକୁ ପାଣି ଫୋପାଡି ଆକ୍ରମଣ କରନ୍ତି। ତାସହ ଫଳମୂଳ, ଅଣ୍ଡା ଓ ଅଟା ମଧ୍ୟ ଫିଙ୍ଗିଥାନ୍ତି। ଏହି ଫାଇଟ୍ ବେଶ୍ ଜୋଶଭରା ଓ ମଜାଦାର ହୋଇଥାଏ।

**ଗାଲାକ୍ସିଡି ଫ୍ଲୋର ଫେଷ୍ଟିଭାଲ:** ପ୍ରତିବର୍ଷ ଫେବୃୟାରୀ ମାସରେ ଗ୍ରୀସ୍‌ର ଛୋଟିଆ ସହର ଗାଲାକ୍ସିଡି ୧.୫ ଟନ୍ ରଙ୍ଗିନ ଅଟାରେ ଆବୃତ ହୋଇଯାଏ। କାରଣ ଏହି ମାସରେ ପାଳିତ ହୁଏ ଗାଲାକ୍ସିଡି ଫ୍ଲୋର ଫେଷ୍ଟିଭାଲ। ଉକ୍ତ ଉତ୍ସବରେ ଶହ ଶହ ଲୋକ ପରସ୍ପରକୁ ରଙ୍ଗିନ ଅଟା ଫିଙ୍ଗନ୍ତି। ଏହି ଦୃଶ୍ୟ ଅନେକାଂଶରେ ଭାରତୀୟ ପର୍ବ ହୋଲି ପରି ଲାଗେ।





## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।




ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ଫଟୋ ସୌଜନ୍ୟ-କୁମାର ଶରତ, ଧରିତ୍ରୀ**

# ହାଃ ହାଃ

### ଗଧ

ଥରେ ମଣ୍ଟୁ ସ୍କୁଲକୁ ଏକ ଗଧ ନେଇ ଆସିଥାଏ। ଏହା ଦେଖି ଶିକ୍ଷକ ରାଗିଯାଇ କହିଲେ : ଇଏ କ'ଣ ଗଧ ନେଇକି କାହିଁକି ଆସିଛୁ ?

ମଣ୍ଟୁ: ଆପଣ ତ ସବୁବେଳେ କୁହନ୍ତି, ଆପଣ ବଡ଼ ବଡ଼ ଗଧଙ୍କୁ ମଣିଷ କରିଛନ୍ତି। ସେଥିପାଇଁ ମୁଁ ଭାବିଲି ଏଇ ଗଧକୁ ମଣିଷ କରିକି ତା' ଭାଗ୍ୟ ବି ବଦଳାଇ ଦିଅନ୍ତୁ।

### ସମ୍ପର୍କୀୟ

ଥରେ ସ୍ୱାମୀ ସ୍ତ୍ରୀ ରାସ୍ତାରେ ଗଲାବେଳେ ସ୍ତ୍ରୀ ଏକ ଗଧକୁ ଦେଖି ସ୍ୱାମୀଙ୍କୁ ମଜାରେ କହିଲେ: ଦେଖ, ତୁମ ସମ୍ପର୍କୀୟ ଯାଉଛନ୍ତି। ତାଙ୍କୁ ନମସ୍କାର କର।

ସ୍ୱାମୀ: ଆରେ, ହଁ ତ। ପ୍ରିୟର ଶ୍ୱଶୁର ମହାଶୟ ନମସ୍କାର।

### ପ୍ଲାଷ୍ଟିକ

ଯୁବତୀ: ମୋ ଓଠ ବହୁତ ଖରାପ ଦେଖାଯାଉଛି।

ଡାକ୍ତର: ପ୍ଲାଷ୍ଟିକ ସର୍ଜରି କରାଇଦିଅ।

ଯୁବତୀ: କେତେ ଟଙ୍କା ଖର୍ଚ୍ଚ ହେବ ?

ଡାକ୍ତର: ୬ ଲକ୍ଷ ଟଙ୍କା।

ଯୁବତୀ: ଏତେ ଟଙ୍କା ! ଯଦି ମୁଁ ନିଜ ପ୍ଲାଷ୍ଟିକ୍ ନେଇକି ଆସିବି, ତା'ହେଲେ କେତେ ଖର୍ଚ୍ଚ ହେବ ?

ଡାକ୍ତର: ଫେଭିକଲ୍ ଅଠା ବି ନେଇକି ଆସିବ, ମାଗଣାରେ ପ୍ଲାଷ୍ଟିକ୍‌କୁ ଓଠରେ ଲଗେଇଦେବି।



# ହୋଲିରେ ବୁଲାବୁଲି

ରଙ୍ଗର ପର୍ବ ହୋଲି। ଦେଶର ବିଭିନ୍ନ ସ୍ଥାନରେ ଏହି ପବିତ୍ର ଉତ୍ସବକୁ ମହା ଆନନ୍ଦର ସହକାରେ ପାଳନ କରାଯାଇଥାଏ। ଏପରି କି କିଛି କିଛି ସ୍ଥାନରେ ବେଶ୍ ନିଆରା ଢଙ୍ଗରେ ଏହି ପର୍ବକୁ ପାଳନ କରାଯାଉଥିବା ଦେଖିବାକୁ ମିଳିଥାଏ। ଏଠାରେ ସେମିତି କେତେକ ଖାସ୍ ସ୍ଥାନ ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁଠାରେ ହୋଲିର କିଛି ଭିନ୍ନ ଛାପ ଦେଖିବାକୁ ମିଳିଥାଏ...





**ମଥୁରା ଓ ବୃନ୍ଦାବନ: ପାରମ୍ପରିକ ହୋଲି**

ଏଠାରେ ହୋଲିକୁ ସମ୍ପୂର୍ଣ୍ଣ ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥାଏ। ଏହି ଅବସରରେ ମଥୁରା ଓ ବୃନ୍ଦାବନରେ ଫଗୁ ଖେଳଠାରୁ ଆରମ୍ଭ କରି ରାଧାକୃଷ୍ଣଙ୍କ ନାମ ଉଚ୍ଚାରଣ ଏବଂ ନଗର ପରିକ୍ରମା ଆଦି ଅନୁଷ୍ଠିତ ହୋଇଥାଏ। ସେହିପରି ସ୍ଥାନୀୟ ପିଲାଙ୍କ ଦ୍ୱାରା ପରିବେଷଣ କରାଯାଉଥିବା ଶ୍ରୀକୃଷ୍ଣଙ୍କ ଜୀବନୀ ଉପରେ ଆଧାରିତ ନାଟକ ବି ଦର୍ଶକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ।

**ବରସାନା: ଲଠ୍‌ମାର୍ ହୋଲି**

ଉତ୍ତର ପ୍ରଦେଶର ମଥୁରା ଜିଲା ଅନ୍ତର୍ଗତ ବରସାନାରେ ପାଳିତ ହେଉଥିବା ଲଠ୍‌ମାର୍ ହୋଲି ଦେଶ ବିଦେଶରେ ବେଶ୍ ପ୍ରସିଦ୍ଧ। କାରଣ ପ୍ରତିବର୍ଷ ହୋଲି ଅବସରରେ ସ୍ଥାନୀୟ ନନ୍ଦଗାଁରୁ କିଛି ଗୋପ ଯୁବକ ବରସାନା ଗାଁର ଗୋପୀମାନଙ୍କୁ ରଙ୍ଗ ଲଗାଇବା ପାଇଁ ଆସିଥାନ୍ତି। କିନ୍ତୁ ସେଠାରେ ପହଞ୍ଚିଲା ପରେ ଗୋପୀମାନେ ହାତରେ ବାଡ଼ି ଧରି ସେମାନଙ୍କୁ ଘଉଡାଇବାକୁ ଚେଷ୍ଟା କରିଥାନ୍ତି। ହେଲେ ଗୋପ ଯୁବକ ବିଭିନ୍ନ ପ୍ରକାର ଗୀତ ଗାଇ ସେମାନଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିଥାନ୍ତି। ତଥାପି ବି ଗୋପୀମାନଙ୍କର ରାଗ ଶାନ୍ତ ହୁଏନାହିଁ। ସେମାନେ ସମସ୍ତେ ଏକତ୍ର ହୋଇ ଗୋପ ଯୁବକଙ୍କୁ ପିଟିବା ପାଇଁ ବାଡ଼ିଧରି ମାଡିଆସନ୍ତି ଆଉ ଯୁବକମାନେ ଢାଲ ଧରି ନିଜକୁ ରକ୍ଷା କରିବାକୁ ଚେଷ୍ଟା କରିଥାନ୍ତି, ଯାହା ଦେଖିବାକୁ ଖୁବ୍ କୌତୁକିଆ ଲାଗିଥାଏ। ଏହି ଖେଳରେ ନା ରାଗ ଥାଏ ନା ହିଂସା। ବରଂ ଏହାକୁ ଏକ ପରମ୍ପରା ଭାବେ ପ୍ରତିବର୍ଷ ଏଠାରେ ପାଳନ କରାଯାଇଥାଏ।

**ଉଦୟପୁର: ରୟାଲ୍ ହୋଲି**

ରାଜସ୍ଥାନର ଉଦୟପୁରରେ ହୋଲି ଉତ୍ସବକୁ ଅନେକେ ରୟାଲ୍ ହୋଲି ବି କହିଥାନ୍ତି। କାରଣ ସ୍ଥାନୀୟ ଅଞ୍ଚଳର ମେୱାର ରାଜ ପରିବାରରେ ବେଶ୍ ଜାକଜମକରେ ଏହି ପର୍ବକୁ ପାଳନ କରାଯାଇଥାଏ। ଏହି ଦିନ ସେମାନେ ପାରମ୍ପରିକ ପୋଷାକ ପିନ୍ଧି ହୋଲି ଉତ୍ସବକୁ ପାଳନ କରିବା ସଙ୍ଗେସଙ୍ଗେ ହୋଲିକା ଦହନର ଆୟୋଜନ କରିଥାନ୍ତି, ଯାହା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ।

**ଶାନ୍ତିନିକେତନ: ସାଂସ୍କୃତିକ ହୋଲି**


ପଶ୍ଚିମବଙ୍ଗସ୍ଥିତ ଶାନ୍ତିନିକେତନରେ ହୋଲି ପର୍ବକୁ ବସନ୍ତ ଉତ୍ସବ ଭାବେ ପାଳନ କରାଯାଇଥାଏ। ସୂଚନାନୁଯାୟୀ, ଲୋକପ୍ରିୟ କବି ରବୀନ୍ଦ୍ରନାଥ ଟାଗୋର ଶାନ୍ତିନିକେତନରେ ଏହି ଉତ୍ସବ ପ୍ରଥମେ ଆରମ୍ଭ କରିଥିଲେ। ସେବେଠାରୁ ପ୍ରତିବର୍ଷ ଏହି ଉତ୍ସବ ଏଠାରେ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ହୋଲି ଖେଳ ସାଙ୍ଗକୁ ଗୀତ ଓ ନାଚର ଆସର ଏଠାକାର ପରିବେଶକୁ ବେଶ୍ ରଙ୍ଗିନ୍ କରିଦିଏ।

**ପୁରୁଲିଆ: ସାଂସ୍କୃତିକ ହୋଲି**

ଶାନ୍ତିନିକେତନ ପରି ପଶ୍ଚିମବଙ୍ଗସ୍ଥିତ ପୁରୁଲିଆର ସାଂସ୍କୃତିକ ଐତିହ୍ୟ ବି ଖୁବ୍ ସମୃଦ୍ଧ। ଏଠାରେ ପାଳିତ ହେଉଥିବା ପ୍ରତିଟି ପର୍ବ ସମୟରେ ପାରମ୍ପରିକ ନୃତ୍ୟକଳା ପରିବେଷଣ କରିବା ଏଠାକାର ଏକ ସ୍ୱତନ୍ତ୍ରତା। ଖାସ୍ କରି ହୋଲି ସମୟରେ ସ୍ଥାନୀୟ ବାସିନ୍ଦା ରଙ୍ଗବେରଙ୍ଗର ଅବିର ସାଥେ ହୋଲି ଖେଳିବା ସହିତ ବିଭିନ୍ନ ପ୍ରକାର ଲୋକକଳା ପରିବେଷଣ କରିବାକୁ ବେଶ୍ ଉତ୍ସାହିତ ଥା'ନ୍ତି। ରଙ୍ଗ ଖେଳିବା ସହିତ ପାରମ୍ପରିକ ଲୋକକଳାକୁ ନିକଟରୁ ଦେଖିବା ଓ ଜାଣିବାର ସୁଯୋଗ ଥିବାରୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ପୁରୁଲିଆ ଆସିବକୁ ଇଚ୍ଛା କରିଥା'ନ୍ତି।

**ଦିଲ୍ଲୀ: ମ୍ୟୁଜିକାଲ୍ ହୋଲି**

ଏଠାରେ ବି ବେଶ୍ ଆନନ୍ଦ ଉଲ୍ଲାସରେ ହୋଲିପର୍ବକୁ ପାଳନ କରାଯାଇଥାଏ। ଏଠାକାର ଅଧିକାଂଶ ସ୍ଥାନରେ ମ୍ୟୁଜିକାଲ୍ ହୋଲିର ଆୟୋଜନ ହୋଇଥାଏ। ଯେଉଁଠାରେ ହୋଲିଖେଳ ସାଙ୍ଗକୁ ବିଭିନ୍ନ ପ୍ରକାରର ଥଣ୍ଡାପାନୀୟ ପିଇ ମ୍ୟୁଜିକ୍‌ର ତାଳେ ତାଳେ ନାଚ କରିବାକୁ ହୋଇଥାଏ, ଯାହା ଶରୀର ସାଙ୍ଗକୁ ମନକୁ ବି ସୁସ୍ଥ ଆଉ ପ୍ରଫୁଲ୍ଲିତ କରିବାରେ ବେଶ୍ ସହାୟକ ହୋଇଥାଏ।








# କୁକୁଡା ନା ମୟୂର

କୁକୁଡା ତ ସମସ୍ତେ ଦେଖିଥିବେ। ହେଲେ ଏ ହେଉଛି ଏମିତି ଏକ କୁକୁଡା, ଯାହାକୁ ଦେଖିଲେ ଦ୍ୱନ୍ଦ୍ୱରେ ପଡିବେ ଏହା କୁକୁଡା ନା ମୟୂର ବୋଲି! କାରଣ ଏଇ କୁକୁଡାର ଲାଞ୍ଜ ମୟୂର ପିଞ୍ଛ ଭଳି ବହୁତ ଲମ୍ବା। ଜାପାନରେ ଦେଖିବାକୁ ମିଳୁଥିବା ଏହି କୁକୁଡାର ନାମ ହେଉଛି 'ଓନାଗାଡୋରି'। ଏହାର ଶରୀର ସାଧାରଣ କୁକୁଡା ଭଳି ହୋଇଥିଲେ ହେଁ ଲାଞ୍ଜ ସାଧାରଣ କୁକୁଡା ଭଳି ନୁହେଁ। ୧.୫ ମିଟରରୁ ଉର୍ଦ୍ଧ୍ୱ ଲମ୍ବା ହେଉଛି ଓନାଗାଡୋରି କୁକୁଡାର ଲାଞ୍ଜ। ବେଳେ ବେଳେ କିଛି କୁକୁଡାଙ୍କ ଲାଞ୍ଜର ଲମ୍ବ ୧୨ ମିଟର ପର୍ଯ୍ୟନ୍ତ ବି ହୋଇଥାଏ। ଏହାର ଲାଞ୍ଜ ଦେଖିବାକୁ ବହୁତ ସୁନ୍ଦର ଓ ଆକର୍ଷକ। ଜାପାନରେ ଓନାଗାଡୋରି କୁକୁଡା ତିନୋଟି ରଙ୍ଗରେ ଉପଲବ୍ଧ ହୁଅନ୍ତି। ଉକ୍ତ କୁକୁଡାକୁ ଏଠାରେ 'ଅନରେବଲ ଫାଉଲ'ବୋଲି ମଧ୍ୟ କୁହାଯାଏ। ଏହା ଜାପାନୀ ସଂସ୍କୃତି ସହ ଜଡିତ। ତେଣୁ ଏହାକୁ ଖାଇବା ପାଇଁ ବ୍ୟବହାର କରାଯାଏ ନାହିଁ।










## କାର୍ଟୁନ କର୍ନର






## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଫେସ୍‌ବୁକ୍‌ର ମାୟା




ଏ ମୋବାଇଲ୍ ଫୋନ୍ ଜମାନା ଯେବେଠୁ ଆରମ୍ଭହେଲା, ସଂସାର ବିଷସାଗରରୁ ସତେ କି ଅମୃତ ହାଣ୍ଡିଏ ଲେଖା ହାତରେ ଧରି ମଣିଷ ନିଆରା ଜୀବନ ଜିଇଁ ଶିଖିଲା । ଆଉ ଯିଏ ଟିପଘଷା ସ୍ମାର୍ଟ ଫୋନ୍ ବ୍ୟବହାର କରୁଛନ୍ତି, ସେମାନେ ସମଗ୍ର ଧରାକୁ ସତେ ଯେମିତି ହାତ ମୁଠାରେ ମୁଠେଇ ଧରିଛନ୍ତି ବୋଲି ଭାବୁଛନ୍ତି । ମୋବାଇଲ୍ ଏବେ ଆଉ ସଂପର୍କୀୟଙ୍କ ସହ ଦୂରରୁ କଥା ନୁହଁ ବରଂ ମହାଭାରତରେ ଧୃତରାଷ୍ଟ୍ରଙ୍କୁ ସଞ୍ଜୟ ଦିବ୍ୟଦୃଷ୍ଟିରେ ସମସ୍ତ ଘଟଣାଦେଖି ବର୍ଣ୍ଣିବା ଭଳିଆ ସମସ୍ତେ ପାରିବାର ପାଲଟି ଯାଇଛନ୍ତି । ତଥାପି ଏଇ ମୋବାଇଲ୍ ଫୋନ୍ ଆମ ଜୀବନକୁ ସଜାଡୁଛି କେତେ ଆଉ ବିଗାଡୁଛି କେତେ, କେବେ ଥଣ୍ଡା ମୁଣ୍ଡରେ ଭାବିଛନ୍ତି ? ନା' ତର୍ଜମା କରିବାକୁ ବେଳ କାହିଁ ? ତା' ଭିତରେ ଯୋଉମାନେ ଫେସ୍‌ବୁକ୍‌ର ଫେସ୍ ସୌନ୍ଦର୍ଯ୍ୟରେ ଫଶି ତା ଭିତରେ ପଶି ଟିପଘଷିବାର ମଜା ପାଇଛନ୍ତି, କାହା ହାତରେ, ସରଗ ଖସିପଡ଼ିଛି ତ କାହା ଭାଗ୍ୟ ଆକାଶ ମଥାରେ ଛିଣ୍ଡିପଡ଼ିଛି ।

ଗଲା କେଇଦିନ ତଳେ ଶ୍ରୀଯୁକ୍ତ ସତ୍ୟାନାଶ ବନ୍ଧୁଙ୍କର ଫେସ୍‌ବୁକ୍‌ରେ ଯୋଉ ଫଟୋ ଦେଖିଲି, ସେମିତିଆ ଚେହେରା ଜନମରୁ ଏଯାଏଁ କେବେ ଦେଖିନଥିବାରୁ ଯୋଗାଯୋଗ କରି ବୁଝିଲି ତାଙ୍କ ନାମରେ କେହି ଜଣେ ବୀର ସାହସୀ ଫେକ୍ ଆକାଉଣ୍ଟ ଖୋଲି ଟଙ୍କା ମାଗୁଛନ୍ତି । ଖାଲି ସିଏ କ'ଣ ଏକା ? ଅନେକ ମାନ୍ୟଗଣ୍ୟ ଭଦ୍ରଜନଙ୍କ ନାମରେ କେତେକିଏ ଏମିତି କାମ ବି କରୁଛନ୍ତି ତ କିଏ କାହା ଆକାଉଣ୍ଟକୁ ହ୍ୟାକ୍ କରୁଛନ୍ତି । ଏଇ ''ହ୍ୟାକର୍''ଙ୍କୁ କେହି ଯେମିତି ସମ୍ବାଦପତ୍ର ବିତରକ 'ହକର' ବୁଝିବାର ଭୁଲ୍ ନକରନ୍ତି । ଫେସ୍‌ବୁକ୍‌ରେ ଫେକ୍ ଆକାଉଣ୍ଟ ଖୋଲୁଥିବା ଏବଂ ହ୍ୟାକରଙ୍କ ହ୍ୟାକ୍ କରିବା ଶକ୍ତି ଏମିତି ଯେ, ଆପଣଙ୍କୁ ଜୋକର ବନେଇ ଦିନରେ ବି ତାରା ଦର୍ଶନ କରେଇ ଦେଇ ପାରନ୍ତି ।

ଆଜ୍ଞା ! କେତେବେଳେ ଫେସ୍‌ବୁକ୍‌ରେ ସୁକୁଟି ସାହୁଙ୍କ ପରି ବାନ୍ଦେରୀ, କାଳୀ କୋତରୀ ମୁଖଦାନ୍ତୁରୀମାନେ ବିଶ୍ୱସୁନ୍ଦରୀ ରୂପରେ କୁଇନ୍, ପ୍ରିନ୍‌ସେସ୍, ଆଞ୍ଜେଲ ନାମରେ ପରିଚିତ କରାଇ ପ୍ରେମ ଜାଲରେ ଫସେଇ ମେସେଞ୍ଜର ଭଳିଆ ବ୍ୟକ୍ତିଗତ ଗଳିଆ ବାଟରେ ନେଇ ଆପଣଙ୍କୁ ଡେଞ୍ଜର ଜୋନ୍‌ରେ ପହଞ୍ଚେଇ ଦେଉଛନ୍ତି ତ, ପୁଣି ପୂର୍ଣ୍ଣ ପ୍ରାଣରେ ପ୍ରେମ କରୁକରୁ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଶୂନ୍ୟ କରି ପାରୁଛନ୍ତି । ପୁଣି କେତେବେଳେ ଫେସ୍‌ବୁକ୍‌ରେ ନକଲି ଫଟୋରେ ମୋହିତ ହୋଇ ବନ୍ଧୁ-ବାନ୍ଧବୀ ଭାବରେ ଏତେ ବିଶ୍ୱାସ କରି ବସୁଛନ୍ତି ଯେ ପୁରୀ, କଟକ, ଭୁବନେଶ୍ୱର ବୁଲି ଆସୁଆସୁ କେତେବେଳେ ପୁନେ, କର୍ଣ୍ଣାଟକ, କାଶ୍ମିର ବା ମୁମ୍ବାଇରେ ପହଞ୍ଚି ଯାଇ ବିଶ୍ୱ ଦରବାରରେ ବିକ୍ରି ହୋଇଯାଉଛନ୍ତି ।

ଏଇ ମୁଖ ପୁସ୍ତିକାରେ ମୁହଁ ମାଡୁମାଡୁ ଆମ ଶାସ୍ତ୍ର ପୁରାଣ, ଶିକ୍ଷା, ସଂସ୍କୃତିକି ତେଣେ ଉଇ ଚରିଗଲାଣି ତ ଚରିତ୍ରରେ କଳଙ୍କ ଲାଗିଲାଣି । ଆଜିକାଲି ଛପା ବହି ଦେଖିଲେ ଖପା ହେଉଛନ୍ତି, ଚିଠି ଲେଖା ଭୁଲି ସୋସିଆଲ୍ ମିଡ଼ିଆରେ ମେସେଞ୍ଜର ବା ମେସେଜ୍ ବକ୍ସରେ ବାର୍ତ୍ତା ପ୍ରେରଣ କରି ଡାକ ବିଭାଗ ସେବାକୁ ହାଲୁକା କରୁକରୁ ତାଙ୍କ ହାଲତ୍ ଖରାପ କଲୁଣି ।

ଆଜିକା ଜମାନାରେ ଆଧୁନିକ ଯୁଗରେ ତାଳଦେଇ ଚାଲିବାପାଇଁ ଫେସ୍‌ବୁକ୍ ଭଳି ସୋସିଆଲ୍ ମିଡ଼ିଆରେ ଆକାଉଣ୍ଟ ଖୋଲିବା ଜରୁରୀ ହୋଇଯାଇଛି । ଅଳ୍ପ ସମୟରେ ଅନେକ ଖବର ଜାଣିହେଉଛି । ବାର୍ତ୍ତା ବା ଲେଖାଲେଖି ଛାଡ଼ି ଅସଂଖ୍ୟ ଲୋକଙ୍କୁ ଜଣେଇବା, ପହଞ୍ଚେଇବା ସହଜ ହୋଇଛି । ବହୁତ ଭଲ କଥା ଶିଖିବାକୁ ମିଳୁଛି । ହେଲେ ଗୋଟେ କଥା ମନେ ରଖନ୍ତୁ, କେବଳ ମୁହଁର ସୌନ୍ଦର୍ଯ୍ୟରେ ଭୁଲି, ତା' ରୂପରେ ମୋହିତ ହୋଇ ଯଦି କନ୍ୟାପାତ୍ରୀଙ୍କୁ ନିର୍ବାଚନ କରି ପୁଅର ଜୀବନ ସାଥୀ କଲେ, ତେବେ ଜୀବନସାରା ଭାଲୁ ଲାଙ୍ଗୁଡ଼ ଧରି ନାମ ନେଲା ପରି ହୋଇଥାଏ । ଏ ଫେସ୍‌ବୁକ୍‌ରେ ଅସଲ ଫ୍ରେଣ୍ଡ୍ ନ ବୁଝି ବନ୍ଧୁତା କଲେ ଏମିତି ଘଣା ପେଡ଼ିବାକୁ ପଡ଼ିଥାଏ । ମୁହଁ ଠାରୁ ହୃଦୟ ମନର ବାସ୍ତବ ଗୁଣ ତର୍ଜମା କରିବା ଆବଶ୍ୟକ କି'ନା ଅନୁଭବୀ କହିବେ ।

ଆଜିକାଲି କାଳୀ, ବୁଢ଼ୀ, କୋତରା ବୁଢ଼ା ବି ବିୟୁଟି ପାର୍ଲରରେ ଅସଲ ଚେହେରା ଛପେଇ ସୌନ୍ଦର୍ଯ୍ୟର ରୂପ ପ୍ରଦର୍ଶନ କଲା ପରି ଫେସ୍‌ବୁକ୍‌ର ଫେକ୍ ଆକାଉଣ୍ଟ ଫେକ୍ ଫଟୋ ଢେର୍ ଚର୍ଚ୍ଚିତ ।

'ମାମୁଁ ଘରେ ଗୋଟେ ଗାଈ, ରାତି ପାହିଲେ ମୋଟେ ନାହିଁ' ପରି ଫେସ୍‌ବୁକ୍‌ର ବଢୁଛି ବନ୍ଧୁତ୍ୱ । ବାଡ଼ି ବାଇଗଣ - ପୋଥି ବାଇଗଣ ପରି ଏ ସଂପର୍କ । ଆମ୍ଭେ ଜାଣୁ - ରାଜଦ୍ୱାରେ ଶ୍ମଶାନେ ଚ ଯଃ ତିଷ୍ଠତି ସଃ ବାନ୍ଧବଃ । ଆପଣ ଛାତିରେ ହାତ ଦେଇ କୁହନ୍ତୁ ତ, ଏଇ ମୁଖ ପୁସ୍ତିକାର ବନ୍ଧୁ ଭିତରୁ କେତେଜଣ ଆପଣଙ୍କ ବିପଦଆପଦରେ ସ୍ଥୂଳ ଶରୀରରେ ଆସି ପାଖରେ ଠିଆହୋଇ ଆଶ୍ୱାସନା ବା ସାହାଯ୍ୟ ସହଯୋଗ କରନ୍ତି ? କୌଣସି ବନ୍ଧୁଙ୍କର ପ୍ରିୟଜନର ବିୟୋଗରେ ଅଳ୍ପ କିଛି ଆତ୍ମାର ସଦ୍‌ଗତି କାମନା କରି ପ୍ରାର୍ଥନା କଲାବେଳେ, ବହୁତ ବନ୍ଧୁ ଇଂରାଜୀରେ ରିପ୍ ଲେଖି କର୍ତ୍ତବ୍ୟ ସାରିଦେଇଥିବାର ଗର୍ବରେ ଫୁଲୁଥାନ୍ତି । ହେଲେ ଯେଉଁ ମୃତ ବ୍ୟକ୍ତିଙ୍କ ପାଇଁ ରିପ୍ ଲେଖନ୍ତି ସିଏ ଯଦି ଓଡ଼ିଆ ଛଡ଼ା ଇଂରାଜୀ ନ ବୁଝନ୍ତି, ତେବେ ପରଲୋକରେ କାହାକୁ ତା ଅର୍ଥ ଯାଇ ପଚାରିବେ କୁହନ୍ତୁ ତ ! ତା'ଛଡ଼ା ବହୁତ ଯୁଗ ଉପଯୋଗୀ ଗଳ୍ପ, କବିତା, ପ୍ରବନ୍ଧ, ସମାଲୋଚନା ଆଦି ଅନେକ ପରିଶ୍ରମ କରି ଯେଉଁ କବି, ଗାଳ୍ପିକ, ଲେଖକ ଲେଖି ଛାଡ଼ନ୍ତି - ତାକୁ କେତେ ଜଣ ବନ୍ଧୁ ସତରେ ପଢ଼ନ୍ତି ? ସେମିତି ଦେଖିଲେ ହଜାରକେ ପାଞ୍ଚ ଜଣ ଲୋକ ପଢ଼ି ଗଠନମୂଳକ ମତାମତ ବା ତ୍ରୁଟି ଦର୍ଶାଉଥିବେ ସିନା, ବାକି ପଚାଶ ଶହେ ନାଇସ୍, ଗୁଡ଼, ବିୟୁଟିଫୁଲ୍, ନ'ଲେ ଫୁଲ ସହ ଲାଇକ୍‌ରେ ଟିପମାରି ଛାଡୁଥିବେ - ଯୋଡ଼ିଜାଡ଼ି ସଂପର୍କ ରଖିଥିବେ । ବାକି ଶତକଡ଼ା ଷାଠିଏରୁ ଅଶୀ ବନ୍ଧୁ ତାଲିକାରେ ଖାଲି ଗଉଥିବେ ।

ହେଇଟି ଆଜ୍ଞା ! ଆମେ ଆଧୁନିକ ଜମାନାରେ ବାପ-ପୁଅ, ଝିଅ-ଜ୍ୱାଇଁ, ମଉସା-ମାଉସୀ, ମାମୁଁ-ମାଇଁ ଫେସ୍‌ବୁକ୍‌ରେ ସବୁ ବନ୍ଧୁ ବା ସାଙ୍ଗ । ହେଲେ ଟିକେ ଜଗିରଖି ଚଳୁଥିବେ ଟି ! ନ'ହେଲେ ଏଇ ଫେସ୍‌ବୁକ୍‌ର ଫେକ୍ ଫ୍ରେଣ୍ଡ୍ ସୋସିଆଲ ମିଡ଼ିଆରେ ଅନ୍‌ସୋସିଆଲ୍ ଆନିମଲ କେତେବେଳେ ସବୁ ଚଳୁ କରି ଦେଇଥିବେ - ଆପଣ ଜାଣି ପାରିନଥିବେ । ଏମାନଙ୍କୁ ଦୂରରୁ ଦଣ୍ଡବତ କରି ୟାଙ୍କ ପାଦଧୂଳିକି ବେଳକାଳ ଉଣ୍ଡି ମୁଣ୍ଡରେ ମାରୁଥିବେ...॥


-ମଙ୍ଗରାଜପୁର, ବୀରହରେକୃଷ୍ଣପୁର, ପୁରୀ-୭୫୨୦୦୨
ମୋ : ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଚିଲିକା, ସମୁଦ୍ର ଓ ଆମ ମତ୍ସ୍ୟଜୀବୀ

**ଲେଖକ-ଦୀନବନ୍ଧୁ ଅଧିକାରୀ**
**ପ୍ରକାଶକ-ଅଧିକାରୀ ବ୍ରଦର୍ସ, ଗଞ୍ଜାମ**
**ମୂଲ୍ୟ-୧୦୦ଟଙ୍କା**

ଚିଲିକା, ସମୁଦ୍ର ଓ ଆମ ମତ୍ସ୍ୟଜୀବୀ ପୁସ୍ତକର ଲେଖକ ଦୀନବନ୍ଧୁ ଅଧିକାରୀ। ଏଥିରେ ଚିଲିକାର ମତ୍ସ୍ୟଜୀବୀଙ୍କ ସମସ୍ୟାକୁ ଲେଖକ ସ୍ଥାନୀତ କରିଛନ୍ତି । ଏ ସମସ୍ୟାକୁ ଲେଖକ ପିଲାବେଳୁ ସେ ଉତ୍ଥାପନ କରିବା ପାଇଁ ବ୍ୟାକୁଳ ହୋଇ ଉଠିଛନ୍ତି । ନଦୀ, ହ୍ରଦ ବା ସମୁଦ୍ର ହେଉ, ଯେଉଁ ମତ୍ସ୍ୟଜୀବୀମାନେ ମାଛମାରି ଜୀବିକା ନିର୍ବାହ କରନ୍ତି, ତାଙ୍କର ବୃତ୍ତିଗତ ଦୁର୍ଦ୍ଦଶା ଆଲୋଚନାର ବିଷୟ । ପାଣି ଭିତରେ କେତେ କଷ୍ଟରେ ମତ୍ସ୍ୟଜୀବୀଟିଏ ଶୀତ, ବର୍ଷା ଓ ଝଡ଼ରେ ଯେଉଁ ହାଡ଼ଭଙ୍ଗା ପରିଶ୍ରମ କରୁଛି ସେ ଅନୁସାରେ ତା'ର ପାରିଶ୍ରମିକ ପାଉନି। ଫଳରେ ତା' ପରିବାର ପ୍ରତିପୋଷଣ କଷ୍ଟକର ହୋଇପଡୁଛି। ଲେଖକ ଅଧିକାରୀ ପିଲାଦିନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ତାକୁ ସେ ପୁସ୍ତକ ମାଧ୍ୟମରେ ପ୍ରକାଶ କରି ସ୍ୱପ୍ନ ସାକାର କରିଛନ୍ତି। ଚିଲିକା ଓ ସମୁଦ୍ରର ପାରମ୍ପରିକ ମତ୍ସ୍ୟଜୀବୀଙ୍କର ସମସ୍ୟାକୁ ପୁସ୍ତକରେ ଲେଖକ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଛନ୍ତି । ତେଣୁ ପୁସ୍ତକଟି ଆଦୃତ ହେବା ଆଶା ଉଜ୍ଜ୍ୱଳ।




### ଚାନ୍ଦର ପାହାଡ଼

**ମୂଳ ବଙ୍ଗଳା-ବିଭୂତି ଭୂଷଣ ବନ୍ଦୋପାଧ୍ୟାୟ**
**ଅନୁବାଦ-କନକ ମଞ୍ଜରୀ ସାହୁ**
**ପ୍ରକାଶକ-ଓଡ଼ିଆ ସାହିତ୍ୟ ଅନୁବାଦ ପରିଷଦ**
**ଭୁବନେଶ୍ୱର, ମୂଲ୍ୟ-୧୫୦ଟଙ୍କା**

ଚାନ୍ଦର ପାହାଡ଼ ମୂଳ ବଙ୍ଗଳା ବିଭୂତି ଭୂଷଣ ବନ୍ଦୋପାଧ୍ୟାୟଙ୍କ ପୁସ୍ତକକୁ ଅନୁବାଦ କରିଛନ୍ତି, ଆମ ସମୟର ଜଣାଶୁଣା ଔପନ୍ୟାସିକା କନକ ମଞ୍ଜରୀ ସାହୁ। ପୁସ୍ତକଟିର କାହାଣୀ ଆଫ୍ରିକା ଜଙ୍ଗଲ ଉପରେ ପର୍ଯ୍ୟବସିତ। ଏହା ଅତି ରହସ୍ୟ ରୋମାଞ୍ଚକର ଉପନ୍ୟାସ। ଏଥିରେ ଶଙ୍କର ଚରିତ୍ରକୁ ନିଖୁଣ ଭାବେ ବର୍ଣ୍ଣନା କରାଯାଇଛି। ସେ ମଫସଲ ଗାଁର ପିଲା। ତା' ବାପାଙ୍କ ଦେହ ଖରାପ ହେବାପରେ ସେ କିପରି ପାଠ ପଢ଼ିବ ମା' ଚିନ୍ତା କରନ୍ତି। କିନ୍ତୁ ଶଙ୍କର ଥିଲା ଅସାଧାରଣ ପିଲା। ଶଙ୍କରର ଭୂଗୋଳରେ ଗଭୀର ଜ୍ଞାନ ଥିଲା। ଓ୍ୱେଷ୍ଟମାର୍କଙ୍କ ଭୂଗୋଳ ବହି ପଢ଼ିବା ବେଳେ ଗୋଟିଏ କଥା ତାକୁ ମୁଗ୍ଧ କରେ ତାହା ହେଉଛି ପ୍ରସିଦ୍ଧ ଜର୍ମାନ ଭୂପର୍ଯ୍ୟଟକ ୟାଣ୍ଟନ ହାର୍ଟମ୍ୟାନଙ୍କ ଲିଖିତ ଆଫ୍ରିକାର ଗୋଟିଏ ବଡ ପର୍ବତ ମାଉଣ୍ଟେନ୍ ଅଫ୍ ଦ ମୁନ୍ ବା 'ଚାନ୍ଦର ପାହାଡ଼' ଆରୋହଣର ଅଦ୍ଭୁତ ବିବରଣୀ। ଏହି ଚମତ୍କାର ଉପନ୍ୟାସକୁ ଅନୁବାଦ କରିଛନ୍ତି ଲେଖିକା, ଯାହାକୁ ପାଠକେ ନିଶ୍ଚୟ ଖୋଜିବେ।




### ମାଟି ଆକାଶ ଓ କବିତାର ଲୁହ

**ଲେଖିକା- ନୀନାଦିନୀ ମହାନ୍ତି**
**ପ୍ରକାଶକ-ପ୍ରଜ୍ଞାନ ପବ୍ଲିକେଶନ୍‌ସ**
**ଜାରକା, ଯାଜପୁର**
**ମୂଲ୍ୟ-୧୮୦ଟଙ୍କା**

ମାଟି ଆକାଶ ଓ କବିତାର ଲୁହ କବୟିତ୍ରୀ ନୀନାଦିନୀ ମହାନ୍ତିଙ୍କ ପ୍ରଥମ କବିତା ସଂକଳନ। ଏଥିରେ ୭୦ଟି କବିତା ସ୍ଥାନୀତ ହୋଇଛି। କବିତାଗୁଡ଼ିକ ରସୋତୀର୍ଣ୍ଣ ଓ ଭାବପୂର୍ଣ୍ଣ। ସେଥିରୁ ଗୋଟିଏର ଉଦାହରଣ ନିଆଯାଇପାରେ। ମା' ପରା ଅମୃତ ଧାରା/ମା' ଅଟେ ଜୋଚ୍ଛନାର ଶୀତଳ ପସରା/ମା' ପୁଣି ବାଟବଣା ପଥିକର ସୁଶୀତଳ ଧାରା/ଅଜ୍ଞାନ ଅନ୍ଧାର ପଥରେ ମା' ହିଁ ଆଲୋକ ବର୍ତ୍ତିକା/ଏମିତିକା ମର୍ମବାଣୀ ଜାଣହେ ସଭିଏଁ/ଶାଶୁ ହେଲେ ବି ସେ କ'ଣ ମା' ନୁହେଁ ? । କବୟିତ୍ରୀ କେତେ ଭାବ ଆଉ ଭାଷାରେ ମା' ଆଉ ଶାଶୁଙ୍କୁ ତୁଳନା କରିଛନ୍ତି । ଯାହା ସମସ୍ତଙ୍କ ଲାଗି ନିଶ୍ଚୟ ଗ୍ରହଣୀୟ ହେବ। ସେହିଭଳି ସଂକଳନଟିରେ ଅନେକ ଉଚ୍ଚକୋଟୀର କବିତା ରହିଛି, ଯାହା ପାଠକମାନେ ପାଇବେ। ଜଣେ ଦରଦୀ କବିପ୍ରାଣ ହେଉଛନ୍ତି ନୀନାଦିନୀ। ମାଟି ଆକାଶ ଓ କବିତାର ଲୁହକୁ ସେ ଦେଖି ପାରିଛନ୍ତି ଆଉ ମର୍ମେ ମର୍ମେ ଅନୁଭବ କରିଛନ୍ତି। ପୁସ୍ତକଟି ନିଶ୍ଚୟ ପାଠକଙ୍କ ହୃଦୟକୁ ସ୍ପର୍ଶ କରିବ ।



# କ୍ୟାଣ୍ଡି ଡ୍ରେସ୍

ଅନେକଙ୍କର ଧାରଣା ଥାଏ ଯେ, ଦାମୀ ପୋଷାକ ପିନ୍ଧିଲେ ହିଁ ଜଣେ ସୁନ୍ଦର ଓ ସ୍ମାର୍ଟ ଦେଖାଯିବେ। ମଖମଲୀ କପଡା, ଆକର୍ଷକ ଡିଜାଇନ୍ ହିଁ ବ୍ୟକ୍ତିତ୍ୱକୁ ବଳିଷ୍ଠ କରାଏ। ହେଲେ ହିସା ଇଗରାସୀ ନାମ୍ନୀ ଜଣେ ଫ୍ୟାଶନ ଡିଜାଇନର୍ ଏହାକୁ ଭୁଲ ପ୍ରମାଣିତ କରିବାକୁ ଯାଇ ଅନେକ ଅଦରକାରୀ ଜିନିଷ, ଯେମିତିକି ବଜାରରୁ ଆସିଥିବା ଜିନିଷରୁ କଭର୍, କୋକ୍



କ୍ୟାନ୍, କ୍ୟାଣ୍ଡି ଆଦିରେ ଆକର୍ଷକ ପୋଷାକ ତିଆରି କରିଛନ୍ତି। ଏହିସବୁ ପୋଷାକକୁ ସେ ବଡ଼ ବଡ଼ ମଡେଲକୁ ପିନ୍ଧାଇଥାନ୍ତି। ତାଙ୍କ ମତରେ କର୍ମ ଖର୍ଚ୍ଚରେ ଏବଂ ଯେକୌଣସି ବସ୍ତୁରୁ ଡ୍ରେସ୍ ତିଆରି କରିହେବ। ଆଉ ତାକୁ ଭଲଭାବେ ପିନ୍ଧିପାରିଲେ ନିଶ୍ଚିତଭାବେ ଯେ କେହି ଆକର୍ଷକ ଦେଖାଯିବେ। ତେବେ ଏସବୁ ପୋଷାକ ମଧ୍ୟରେ ତାଙ୍କର ରଙ୍ଗବିରଙ୍ଗ କ୍ୟାଣ୍ଡିରେ ତିଆରି ଡ୍ରେସ୍ ବହୁତ ଆକର୍ଷକ ଲାଗେ। ଏହାକୁ ପିନ୍ଧିବା ସହ ଇଚ୍ଛା ହେଲେ କ୍ୟାଣ୍ଡି ବି ଖାଇପାରିବେ।

# ପୁଅ ପାଇଁ ଗଢିଲେ ଲମ୍ବରଘିନି କାର୍



ବ୍ୟାକ୍ ପେଜ୍

ପିଲାଙ୍କ ଖୁସି ବାପାମା'ଙ୍କ ପାଇଁ ସବୁକିଛି। ତାଙ୍କ ମୁହଁରେ ଟେନାଏ ହସ ଫୁଟେଇବା ଲାଗି ସେମାନେ ସବୁକିଛି କରିପାରନ୍ତି। ଠିକ୍ ଯେମିତି ଭିଏତନାମର ଟ୍ରୁଓଙ୍ଗ ଭାନ ଦାଓ ନାମକ ଜଣେ ବ୍ୟକ୍ତି ନିଜ ପୁଅ ପାଇଁ ତିଆରି କରିଛନ୍ତି ଏକ ଲକ୍ଜ୍ୟୁରୀୟସ୍ ଇଲେକ୍ଟ୍ରିକ୍ କାର। ଟ୍ରୁଓଙ୍ଗଙ୍କ ପୁଅକୁ ଲମ୍ବରଘିନି କାର୍ ବହୁତ ପସନ୍ଦ ଥିଲା। ଆଉ ସେହି ଲକ୍ଜ୍ୟୁରୀୟସ୍ କାର୍ କିଣିବାକୁ ବି ସେ କହୁଥିଲା। ହେଲେ ସେହି କାର୍ କିଣିବା ତାଙ୍କ ପାଇଁ ସମ୍ଭବ ନ ଥିଲା। ତେବେ ଟ୍ରୁଓଙ୍ଗ ଜଣେ କାଠ କାରିଗର। ସେଥିପାଇଁ ସେ କାଠର ଏକ ଲମ୍ବରଘିନି କାର୍ ତିଆରି କରିବାକୁ ଚିନ୍ତା କଲେ। ଆଉ ଅଦରକାରୀଭାବେ ପଡିଥିବା କିଛି କାଠକୁ କାଟି ତାକୁ ଲମ୍ବରଘିନି କାର୍‌ର ରୂପ ଦେବାକୁ ଲାଗିଲେ। ତା'ର ସମ୍ପୂର୍ଣ୍ଣ ପଦ୍ଧତିକୁ ରେକର୍ଡ କରି ସେ ନିଜ ୟୁଟ୍ୟୁବ ଚ୍ୟାନେଲରେ ବି ଅପଲୋଡ କରିଛନ୍ତି। କାର୍‌ର ପ୍ରତି ପାର୍ଟକୁ ସେ ଏତେ ନିଖୁଣଭାବେ କରିଛନ୍ତି ଯେ, ତାହା ବାସ୍ତବ ପରି ଲାଗେ। ଏହି କାଠର ଗାଡି ଯେ, କେବଳ ଲମ୍ବରଘିନି କାର୍ ପରି ଦେଖାଯାଉଛି ତାହା ନୁହେଁ, ବରଂ ତାହା ସତସତିକା କାର୍ ପରି ଚାଲିପାରେ





ମଧ୍ୟ। କାରଣ ସେହି କାର୍‌ରେ ସେ ଏକ ଛୋଟ ମୋଟର ସଂଯୋଗ କରିଛନ୍ତି। କାର୍‌ଟି ଘଣ୍ଟା ପ୍ରତି ୨୫ କି.ମି. ବେଗରେ ଗତି କରିପାରେ। ଟ୍ରୁଓଙ୍ଗଙ୍କୁ ଉକ୍ତ କାର୍ ତିଆରି କରିବା ଲାଗି ୬୫ ଦିନ ଲାଗିଯାଇଥିଲା। କାର୍‌ଟି ସମ୍ପୂର୍ଣ୍ଣ ଗଢା ହେବା ପରେ ତାଙ୍କ ପୁଅ ତାକୁ ଦେଖି ବହୁତ ଖୁସି ହୋଇଯାଇଥିଲା। ଆଉ ବାପା ପୁଅ ଦୁହେଁ ମିଶି କାର୍ ରାଇଡ୍‌ର ମଜା ଉଠାଇଥିଲେ।

# ମୁଣ୍ଡରେ ତେଲ ମାଲିସ୍ କରି ରେକର୍ଡ

ଘରେ ଜେଜେମା', ମା' ଆଗରୁ ପିଲାଙ୍କ ମୁଣ୍ଡରେ ତେଲ ମାଲିସ୍ କରିଦେଉଥିଲେ। ଏହି ସମୟରେ ଅନେକ ଗପସପ ବି ହେଉଥିଲେ। ତେଲ ମାଲିସ୍‌ର ଏଇ ମୁହୂର୍ତ୍ତ ବେଶ୍ ମଜାଦାର ଥିଲା। ହେଲେ ଏବେ ସେସବୁ ବିଶେଷଭାବେ ଦେଖିବାକୁ ମିଳୁନି। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ତେଲ ମାଲିସ୍‌କୁ ନେଇ ଗିନିଜ ୱାର୍ଲ୍ଡ ରେକର୍ଡ ହୋଇଛି। ମୁମ୍ବାଇ, କାନ୍ଦିୱଲିସ୍ଥ ଗ୍ରୋୱେଲ୍‌ସ ମଲ୍‌ରେ ୬୦୦ଜଣ ମହିଳା ଗୋଲାକାରରେ ପଛକୁ ପଛ ବସି ଜଣେ ଆଉ ଜଣଙ୍କ ମୁଣ୍ଡରେ ତେଲ ମାସିଲ କରିଥିଲେ। ଏତେ ସଂଖ୍ୟକ ମହିଳା କରିଥିବା ଏହି ତେଲ ମାଲିସ୍ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସବୁଠୁ ଲମ୍ବା ହେଡ ମସାଜ୍ ଚେନ୍ ଭାବେ ସ୍ଥାନ ପାଇଛି। ଏହି ଇଭେଣ୍ଟକୁ ଅର୍ଗନାଇଜ୍ କରିଥିଲା ଏକ ହେୟାର୍ ଅଏଲ୍ କମ୍ପାନୀ। ଉଦ୍ଦେଶ୍ୟ ଥିଲା ତେଲ ମାସିଲର ମହତ୍ୱ ସମସ୍ତଙ୍କୁ ଅବଗତ କରାଇବା।

